## ବରିଷ୍ଠ ନାଗରିକଙ୍କ ଡିଜିଟାଲ ନିରାପତ୍ତା ପ୍ରଶିକ୍ଷଣ ଶିବିର

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.)- ବତ୍ରିଶ ସିଂହାସନ ମଞ୍ଚ ଏବଂ ହେଲ୍ପେଜ ଇଣ୍ଡିଆ ସହାୟତାରେ ବରିଷ୍ଠ ନାଗରିକଙ୍କ ଡିଜିଟାଲ ନିରାପତ୍ତା ପ୍ରଶିକ୍ଷଣ ଶିବିର ୬୧ନଂ. ୱାର୍ଡ ସଂଲଗ୍ନ ମଞ୍ଚର ଡେ କେୟାର ସେଣ୍ଟରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ କର୍ପୋରେଟର ଶିବନାରାୟଣ ରାୟ ଓ ମଞ୍ଚର ଉପଦେଷ୍ଟା ସଦସ୍ୟ ପୁରୁଷୋତ୍ତମ ସାହୁ ଉଦ୍ଘାଟନ କରିଥିଲେ। ଦେବଶ୍ରୀ ବ୍ରହ୍ମା ପ୍ରଶିକ୍ଷଣ ଦେଇଥିଲେ। ସଭାପତି ଗଣେଶ ପ୍ରଧାନ, ସମ୍ପାଦକ କାମଦେବ ରଣସିଂହ, କୋଷାଧ୍ୟକ୍ଷ ବସନ୍ତ ନାୟକ, ପଦ୍ମନାଭ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୫୦ଜଣ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ।





ଈଶ୍ୱର ରାଓଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ହକି ବିଶ୍ୱକପ୍ ମଡେଲ।





ଭୁବନେଶ୍ୱରସ୍ଥିତ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡରେ ବୁଧବାର ବିଡିଏ, ବିଏମ୍ସି ଏବଂ ଓଡ଼ିଶା ପୋଲିସ୍‌ର ମିଳିତ କାର୍ଯ୍ୟକ୍ରମରେ ଏକ ବଡ଼ ହକିଷ୍ଟିକ୍ ଆକୃତିରେ 'ଟିମ୍ ପ୍ରାଇଡ୍'ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାନକୁ ରଖାଯାଇ ଟିମ୍ ଇଣ୍ଡିଆ ପାଇଁ ଶୁଭକାମନା କରାଯାଉଛି। କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଟିମ୍ ପ୍ରାଇଡ ସଦସ୍ୟମାନେ।

## ସଂକ୍ଷେପରେ

### ବଡ଼ଗଡ଼ ପାର୍କର ଜଳଫୁଆରା ପୁନରୁଦ୍ଧାର ଦାବି

ପୁରୁଣା ଭୁବନେଶ୍ୱର,୧୧।୧(ଡି.ଏନ୍.ଏ.)- ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି)ର ୪୪ନଂ. ୱାର୍ଡ ଅନ୍ତର୍ଗତ ବଡ଼ଗଡ଼ ଗ୍ରାମ ପ୍ରବେଶ ପଥରେ ଥିବା ବିଏମ୍ସି ପାର୍କ ଅବହେଳିତ ଅବସ୍ଥାରେ ପଡ଼ିଛି। ୨୦୦୦ ମସିହା ଜାନୁୟାରୀ ୫ରେ ଏଠାରେ ଏକ ଜଳଫୁଆର ନିର୍ମାଣ ହୋଇଥିଲା। ସେହି ସମୟରେ ଏହି ଜଳ ଫୁଆର ପାର୍କ ଓ ବଡ଼ଗଡ଼ ଅଞ୍ଚଳର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ହେଲେ ଦୀର୍ଘଦିନ ହେବ ଏହା ଅଚଳ ହୋଇ ପଡ଼ିଥିବାବେଳେ ମରାମତି ପ୍ରତି ବିଏମ୍ସି ପ୍ରଶାସନ ଧ୍ୟାନ ଦେଉ ନାହିଁ। ମରାମତି ସହ ଏହାର ପୁନରୁଦ୍ଧାର ସହ ପାର୍କରେ ବିଶ୍ରାମ ଚେୟାର, ଅର୍ନାମେଣ୍ଟାଲର ବ୍ୟବସ୍ଥା, ପାନୀୟ ଜଳ, ନୂତନ ଘାସ ଗାଲିଚା ବିଛାଯାଉ ବୋଲି ସ୍ଥାନୀୟ ଗ୍ରାମବାସୀ ବିଏମ୍ସି କମିଶନରଙ୍କ ନିକଟରେ ଦାବି କରିଛନ୍ତି। ସ୍ଥାନୀୟ ବାସିନ୍ଦା ସଂଗ୍ରାମ ମାର୍ଥାଙ୍କ ନେତୃତ୍ୱରେ ଏକ ଅଭିଯୋଗ ପତ୍ର ଦିଆଯାଇଛି। ଜଳଫୁଆରାଟିର ତୁରନ୍ତ ପୁନରୁଦ୍ଧାର ନ କରାଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମାର୍ଥା କହିଛନ୍ତି।

### ଶ୍ରୀଲିଙ୍ଗରାଜ ମନ୍ଦିର ତଳ ବଜାର ଉଚ୍ଛେଦ

ପୁରୁଣା ଭୁବନେଶ୍ୱର,୧୧।୧(ଡି.ଏନ୍.ଏ.)- ହକି ବିଶ୍ୱକପ ପାଇଁ ରାଜଧାନୀ ନୂଆ ରୂପରେ ସଜେଇ ହେଉଥିବାବେଳେ ପ୍ରତି ସାହି ଗଳି ରାସ୍ତା ସଫାସୁତରା କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜ ମନ୍ଦିର ସନ୍ନିକଟ ଚିତ୍ରକାରିଣୀ ମନ୍ଦିର ସମ୍ମୁଖ ଏକ ଦୋକାନ ଆବର୍ଜନା ହୋଇପଡ଼ିଥିଲା। ଏହି ବିଷୟରେ ଅଭିଯୋଗ ହେବା ପରେ ବୁଧବାର ବିଏମ୍ସିର ସିକ୍ୟୁରିଟି ଟିମ୍ ସହ ଅଧିକାରୀମାନେ ସେଠାରେ ପହଞ୍ଚି ଦୋକାନକୁ ଏଥିରୁ ନିବୃତ ରହିବା ସହ ଡଷ୍ଟବିନ୍ ରଖିବା ପାଇଁ କହିଥିଲେ। ନିର୍ଦ୍ଦେଶ ପାଇ ଦୋକାନୀ ତାହା କରିଥିଲେ। ଏଥିସହ ରଥଖଳାଠାରୁ ବଢେଇବାଙ୍କ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଉଠାଦୋକାନୀ ଓ ପରିବା ଦୋକାନୀକୁ ହଟାଯାଇଥିଲା। ବିଶ୍ୱର ବିଭିନ୍ନ ଅଞ୍ଚଳରୁ ଆସିଥିବା ଖେଳାଳି, ଅତିଥି ଏବଂ କ୍ରୀଡ଼ାପ୍ରେମୀମାନେ ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିବା ଆଶଙ୍କାରେ ମନ୍ଦିର ଐଶାନ୍ୟ କୋଣରେ ଏକ ଅସ୍ଥାୟୀ ପୋଲିସ ଆଉଟ ପୋଷ୍ଟ ଖୋଲାଯାଇଛି। ଅନ୍ୟପଟେ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ସିଧା ପ୍ରସାରଣ ଦେଖିବା ପାଇଁ ଭୁବନେଶ୍ୱର ବ୍ଲକ ୬ ପଞ୍ଚାୟତର ୬ଟି ଜାଗାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପକ୍ଷରୁ ଏଲ୍ଇଡି ବ୍ୟବସ୍ଥା କରାଯାଇଥିଲା।

# ଟିମ୍ ପ୍ରାଇଡ୍‌କୁ ପ୍ରଶଂସା, ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା

ଭୁବନେଶ୍ୱର, ୧୧।୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟ ଓ ଭୁବନେଶ୍ୱର କରିବା ପାଇଁ ବିଡିଏ, ବିଏମ୍ସି ଏବଂ ଓଡ଼ିଶା ପୋଲିସ ପକ୍ଷରୁ ମିଳିତ ପଦକ୍ଷେପ ନିଆଯାଇଛି। ଏଥିପାଇଁ 'ଟିମ୍ ପ୍ରାଇଡ୍' ବା ପାର୍ଟି ଫର୍ ରେଗୁଲାର୍ ଇମ୍ପ୍ରୁଭ୍‌ମେଣ୍ଟ ଆଣ୍ଡ୍ ଡିସିପ୍ଲିନ୍ ଥ୍ରୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଏକ ଗଠନ କରାଯାଇଛି। ସହରର ନିୟମ ଏବଂ ଶୃଙ୍ଖଳାକୁ ବଜାୟ ରଖି ହକି ବିଶ୍ୱକପ୍ ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଟିମ୍ ପ୍ରାଇଡ୍ ସହଯୋଗର ହାତ ବଢ଼ାଇଛି। ବୁଧବାର ରିଜର୍ଭ ପୋଲିସ୍ ଗ୍ରାଉଣ୍ଡରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଡିସିପି ପ୍ରତୀକ ସିଂହ ପ୍ରମୁଖଙ୍କ ଉପସ୍ଥିତି ରହି ଟିମ୍ ପ୍ରାଇଡ୍ ସଦସ୍ୟଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରାଇଡ୍ ମାର୍ଚ୍ଚରେ ଟିମ୍‌ର ୧୭ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାନ ସାମିଲ ହୋଇଥିଲା। ଏଥିସହ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ୍ ପରିସରରେ ଏକ ବଡ଼ ହକିଷ୍ଟିକ୍ ଆକୃତିରେ ଟିମ୍‌ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଯାନକୁ ରଖାଯାଇ ଟିମ୍ ଇଣ୍ଡିଆ ପାଇଁ ଶୁଭକାମନା କରାଯାଇଥିଲା। ପୋଲିସ କମିଶନର ପ୍ରିୟଦର୍ଶୀ କହିଲେ, 'ଆମ ସହର ଆମ ଦାୟିତ୍ୱ' ଆହ୍ୱାନକୁ ନେଇ ଟିମ୍ ପ୍ରାଇଡ୍‌ର ସୃଷ୍ଟି। ରାଜଧାନୀ

**ହକି ବିଶ୍ୱକପ୍: ସ୍ମାର୍ଟ, ସୁନ୍ଦର ଭୁବନେଶ୍ୱର**

ଭୁବନେଶ୍ୱରର ବିଭିନ୍ନ ଉତ୍ସବକୁ ସଫଳ କରିବା ପାଇଁ ଏହି ଟିମ୍‌ର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ବିଡିଏ ଉପାଧ୍ୟକ୍ଷ ସିଂହ ଟିମ୍ ପ୍ରାଇଡ୍‌ର ପ୍ରତ୍ୟେକ ସଦସ୍ୟ ନିଜ କାର୍ଯ୍ୟକୁ ମାନବିକତା ମୂଲ୍ୟବୋଧର ସହ କରିବାକୁ ଆହ୍ୱାନ ଦେଇଥିଲେ। ଟିମ୍‌ର ମୁଖ୍ୟ କାର୍ଯ୍ୟ ସ୍ୱରୂପ ପାର୍କିଂସ୍ଥଳ, ବ୍ୟବସାୟ ସ୍ଥଳ, ପରିମଳ ଏବଂ ଆନୁଷଙ୍ଗିକ କାର୍ଯ୍ୟକୁ ଦୃଷ୍ଟି ଦେଇ ସହରର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହେବା ପାଇଁ ବିଏମସି କମିଶନର କୁଲାଙ୍ଗେ ଟିମକୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ସାରା ବିଶ୍ୱରେ ସହରର ଖ୍ୟାତି ବା ପ୍ରାଇଡ୍‌କୁ ବଜାୟ ରଖି ଟିମ୍ ପ୍ରାଇଡ୍ ସହରକୁ ଶ୍ରେଷ୍ଠକରି ଦେଖାଇବାରେ ସହାୟକ ହୁଅନ୍ତୁ ବୋଲି ସେ କହିଥିଲେ। ଗତ ୨୦ରୁ ୨୫ ଦିନ ମଧ୍ୟରେ ଟିମ୍ ପ୍ରାଇଡ୍‌ର ଉଦ୍ୟମରେ ବେଆଇନ ଜବରଦଖଲ ଉଚ୍ଛେଦ, ରାସ୍ତାକଡ଼ ବ୍ୟବସାୟୀଙ୍କ ପରିଚାଳନା, ଟ୍ରାଫିକ୍ ଓ ପାର୍କିଂ ପରିଚାଳନା, ଯାଯାବର ଉଦ୍ଧାର, ବୁଲା ଗୋରୁ ଓ କୁକୁର ତଥା ଅନ୍ୟାନ୍ୟ ସଂଯୁକ୍ତ ସମସ୍ୟା ସମାଧାନ ପାଇଁ ଅତିରିକ୍ତ ପୋଲିସ କମିଶନର ଡ. ଦାଶ ଓ ଡିସିପି ସିଂହ ପ୍ରଶଂସା କରିଥିଲେ। ହକି ମହାକୁମ୍ଭକୁ ସଫଳ କରାଇବା ନିମନ୍ତେ ନିଜର ଦାୟିତ୍ୱ ସମ୍ପନ୍ନ କରିବାର ନମୁନା ସ୍ୱରୂପ ସମସ୍ତେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ।


ନୀଲମ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରେଲ ଅଡିଟୋରିୟମ୍‌ଠାରେ ବୁଧବାର ଅନୁଷ୍ଠିତ 'ମାତା କୀ ଚୌକୀ' କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ।

# 'ହକି ହୈ ଦିଲ୍ ମେରା' ଗୀତରେ ଝୁମିଲେ ଛାତ୍ରୀ



ଭୁବନେଶ୍ୱର,୧୧।୧(ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଦେଖିବା ଲାଗି ବୁଧବାର ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟକ ଅପରାହ୍ନ ୧ଟା ପରେ ଛୁଟି ଘୋଷଣା କରାଯାଇଥିଲା। ୫-'ଟି' ଅଧୀନସ୍ଥ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ଲାଇଭ୍ ଷ୍ଟ୍ରିମିଂର ବ୍ୟବସ୍ଥା ହୋଇଥିଲା। ସେହିଭଳି ରାଜ୍ୟର ସମସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ଛାତ୍ରୀମାନେ ବେଶ୍ ଉତ୍ସାହର ସହ ଉଦ୍‌ଘାଟନୀ ଉତ୍ସବ ଉପଭୋଗ କରିଥିବାବେଳେ ହକିର ଜୟଗାନରେ ସ୍କୁଲ୍ ଏବଂ ହଷ୍ଟେଲ ପରିବେଶ ଉତ୍ସବମୁଖର ହୋଇଥିଲା। 'ହକି ହୈ ଦିଲ୍ ମେରା' ଗୀତରେ ପିଲାମାନେ ଝୁମିବା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଟେଲିଭିଜନ ପରଦାରେ ଦେଖିବାର ସୁଯୋଗ ପାଇଥିଲେ। ସେହିଭଳି କଟକ ଜିଲାର ସମସ୍ତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ଦେଖିବାକୁ ବ୍ୟବସ୍ଥା କରାଯାଇଥିଲା। ଡିଜିଟାଲ୍ ବୋର୍ଡ ସହ ଇଣ୍ଟରନେଟ୍‌ର ବ୍ୟବସ୍ଥା ଥିବାରୁ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ ଦେଖିପାରିଥିଲେ।

# ଓଏଏସ୍ ସ୍ତରରେ ଅଦଳବଦଳ

**ଶ୍ୱେତ କୁମାର ଦାଶ ବିଡିଏ ଯୁଗ୍ମ ଆୟୁକ୍ତ (ଇଷ୍ଟେଟ)**

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ (ଓଡ଼ିଶା ପ୍ରଶାସନିକ ସେବା) ଅଫିସର ସ୍ତରରେ ଏକ ଅଦଳବଦଳ କରିଛନ୍ତି। ୫ ଓଏଏସ୍ ଅଫିସରଙ୍କୁ ବଦଳି ସହ ଅନ୍ୟତ୍ର ନିଯୁକ୍ତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ, ଭିମସାର ବୁର୍ଲାର କୁଳସଚିବ (ପ୍ରଶାସନ) ସୁବ୍ରତ କୁମାର ନାୟକଙ୍କୁ କଳାହାଣ୍ଡି ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି ଏସ୍‌ଟି, ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଡ. ଶ୍ୱେତ କୁମାର ଦାଶଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଯୁଗ୍ମ ଆୟୁକ୍ତ (ଇଷ୍ଟେଟ) ଭାବେ ନିଯୁକ୍ତ କରାଯାଇଛି। ଏହାସହ ଅବକାରୀ ଯୁଗ୍ମ ଆୟୁକ୍ତ ଦିବ୍ୟଲୋଚନ ମହାନ୍ତଙ୍କୁ ଯାଜପୁର ଏଡିଏମ ଦାୟିତ୍ୱ ଦିଆଯାଇଛି। ସୁବର୍ଣ୍ଣପୁର ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁଜୁରଙ୍କୁ ଭିମସାର କୁଳସଚିବ (ପ୍ରଶାସନ) ଭାବେ ଅବସ୍ଥାପିତ କରାଯାଇଛି। ବଅଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ ରାଜ୍ୟ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଉପସଚିବ ଭାବେ ନିଯୁକ୍ତ ହୋଇଛନ୍ତି।

# 'ଉଟ୍ ଫେଷ୍ଟ'ରେ 'ସେବେ ଓ ଏବେ'

ଭୁବନେଶ୍ୱର,୧୧।୧(ବ୍ୟୁରୋ)




ଉଟ୍‌ଫେଷ୍ଟର ଦ୍ୱିତୀୟ ସଂସ୍କରଣ ଆସନ୍ତା ୧୫ରୁ ୨୯ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ତେବେ ପ୍ରଥମଥର ଆୟୋଜିତ ହୋଇଛି 'ସେବେ ଓ ଏବେ' (ଦେନ୍ ଆଣ୍ଡ ନାଓ) ଫଟୋ ପ୍ରଦର୍ଶନୀ, ଯାହା ଭୁବନେଶ୍ୱର ସହରର ଅତୀତ ଓ ରୂପାନ୍ତରଣକୁ ପ୍ରଦର୍ଶନ କରିବ। ଭୁବନେଶ୍ୱରର ଅତୀତ ଓ ବର୍ତ୍ତମାନର ସ୍ମୃତିଚାରଣ କରିବ। ପ୍ରଦର୍ଶନୀରେ ଭୁବନେଶ୍ୱରର ୧୫୦ ବର୍ଷରୁ ଅଧିକ ପୁରୁଣା ଫଟୋଚିତ୍ର ସ୍ଥାନ ପାଇବ, ଯାହା ସହରୀ ପରିଦୃଶ୍ୟର ବିବର୍ତ୍ତନକୁ ଦୃଶ୍ୟ ମାଧ୍ୟମରେ ଦେଖାଇବ। ଏଥିରେ ଓଲ୍ଡ ଟାଉନ୍, ମେକିଙ୍ଗ୍ ଅଫ୍ ନ୍ୟୁ କ୍ୟାପିଟାଲ, ଦେନ୍ ଆଣ୍ଡ୍ ନାଓ, ଭିଲେଜ୍, ଷ୍ଟ୍ରିଟ୍ ଲାଇଫ୍, ଆଜିର ସହର, ହାପେନିଙ୍ଗ୍ସ, ଟେକ୍ସଟ୍ ଅନ୍ ସିଟି, ଇଣ୍ଟ୍ରାକ୍ଟିଭ୍ ଏରିଆ ସମେତ ବିଭିନ୍ନ ବିଷୟବସ୍ତୁକୁ କଭର କରୁଥିବା ପ୍ରାୟ ୪୦୦ ରୁ ୫୦୦ ଫଟୋଗ୍ରାଫ ସାମିଲ କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟ ସଂଗ୍ରହାଳୟ ଓ ଅଭିଲେଖାଗାର ଭଳି ସରକାରୀ ସଂସ୍ଥାଗୁଡିକ ଏହି ଫଟୋଗୁଡିକ ପାଇଁ ଉତ୍ସ ରହି ଆସିଛନ୍ତି। ଏହି ଫଟୋଗୁଡିକ ବିଗତ ବର୍ଷଗୁଡିକରେ ଭୁବନେଶ୍ୱରକୁ ଆସିଥିବା ଏକାଧିକ ଅନୁସନ୍ଧାନକାରୀ, ମାନବବିଜ୍ଞାନୀ, ସ୍ୱାଧୀନ ଫଟୋଗ୍ରାଫର, ସ୍ଥାନୀୟ ଲୋକ ଓ ପରିଦର୍ଶକଙ୍କ ଦ୍ୱାରା ସଂଗୃହୀତ।

# ସାମାଜିକ କ୍ଷେତ୍ରକୁ ପ୍ରାଥମିକତା ପାଇଁ ପରାମର୍ଶ

ଭୁବନେଶ୍ୱର, ୧୧।୧ (ବ୍ୟୁରୋ)

ସିୱାଇଏସଡି ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ସିବିଜିଏ ସହାୟତାରେ ପ୍ରାକ୍‌ବଜେଟ୍‌ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଂଶଗ୍ରହଣକାରୀମାନେ ୨୦୨୩-୨୪ ରାଜ୍ୟ ବଜେଟରେ କେଉଁ ସବୁ କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ ଓ କାହିଁକି ଦିଆଯିବ, ସେନେଇ ନିର୍ଦ୍ଦିଷ୍ଟ ପରାମର୍ଶମାନ ଦେଇଥିଲେ। ପ୍ରତିବର୍ଷ ରାଜ୍ୟ ବଜେଟର ଆକାର ବଢ଼ୁଥିଲେ ମଧ୍ୟ ଗ୍ରାମୀଣ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ସାମାଜିକ କ୍ଷେତ୍ର ଓ କୃଷି ଓ କୃଷକର

**ସିୱାଇଏସ୍‌ଡିରେ ପ୍ରାକ୍ ବଜେଟ ଆଲୋଚନା**

ମୌଳିକ ଆବଶ୍ୟକତା ପାଇଁ ବ୍ୟୟ ବରାଦ ଆଶାନୁରୂପକ ହେଉନାହିଁ ବୋଲି ମତପ୍ରକାଶ ପାଇଥିଲା। ସାମାଜିକ କ୍ଷେତ୍ରକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଥିଲା। ସାମାଜିକ ସୁରକ୍ଷା ଯୋଜନା ପାଇଁ ଅଧିକ ବ୍ୟୟବରାଦ ସହ ଜଳ, ପରିମଳ, ପରିଚ୍ଛନ୍ନତା ଯୋଜାନଗୁଡ଼ିକରେ ବ୍ୟବହାରିକ ପରିବର୍ତ୍ତନ, ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ଦକ୍ଷତା ବିକାଶ, ଚାଷୀଙ୍କ ଆୟ ବୃଦ୍ଧି ଓ ଧାନ କିଣାବିକାରେ ଢାଞ୍ଚାଗତ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତ ଚୌଧୁରୀ, ଆଇଆଇପିଏଚ୍ ନିର୍ଦ୍ଦେଶକ ଡ. ଶ୍ରୀଧର କଦମ, ଉତ୍କଳ ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ପ୍ରଫେସର ଡ. ନବୀନତା ରଥ, କୃଷକ ନେତା ଲିଙ୍ଗରାଜ ଆଜାଦ୍, ଅର୍ଥ ବିଭାଗର ନିର୍ଦ୍ଦେଶକ ଡକ୍ଟର ସତ୍ପ୍ରିୟ ରଥ, ସିୱାଇଏସ୍‌ଡିର ଜଗଦାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସିୱାଇଏସ୍‌ଡିର ସହ-ପ୍ରତିଷ୍ଠାତା ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ମନନ ନାଟ୍ୟାନୁଷ୍ଠାନର ୪୪ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ମନନ ନାଟ୍ୟ ଉତ୍ସବରେ ବୁଧବାର ମଞ୍ଚସ୍ଥ ନାଟକ 'ପୁନରାବୃତ୍ତି'ର ଏକ ଦୃଶ୍ୟ।

# ରାମଚନ୍ଦ୍ରଙ୍କ ମୁଣ୍ଡକୁ କାନ୍ଥରେ ପିଟି ହତ୍ୟା କରିଥିଲେ ଭକ୍ତହରି

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଧଉଳି ଥାନା ଅଞ୍ଚଳରେ ଗତ ଡିସେମ୍ବର ୧୬ରେ ଘଟିଥିବା କେୟାର ଟେକର ରାମଚନ୍ଦ୍ର ନାୟକ ହତ୍ୟା ମାମଲାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତ ତଥା ହୋଟେଲ ମାଲିକ ଭକ୍ତହରି ଲେଙ୍କା(୨୭)ଙ୍କୁ ପୋଲିସ ଗିରଫ କରିଛି। ସେ ମଙ୍ଗଳବାର ଶହୀଦନଗର ଅଞ୍ଚଳରେ ବୁଲାବୁଲି କରୁଥିବାବେଳେ ଧରାପଡିଥିଲେ। ବୁଧବାର ଭକ୍ତହରିଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଦ୍ୱିବେଦୀ ନାମକ ଜଣେ ବ୍ୟକ୍ତିଙ୍କର ଧଉଳି ଥାନାଞ୍ଚଳରେ କନିକା ମଣ୍ଡପ ରହିଛି। ଉକ୍ତ ମଣ୍ଡପରେ ରାମଚନ୍ଦ୍ର ୧୫ବର୍ଷ ଧରି କେୟାର ଟେକର ଭାବେ କାମ କରିବା ସହିତ ତଳ ମହଲାରେ ରହିଆସୁଥିଲେ। ମଣ୍ଡପର ୩ ମହଲା ମଧ୍ୟରୁ ଦ୍ୱିତୀୟ ମହଲାକୁ ଭକ୍ତହରି ଭଡ଼ାରେ ନେଇ ହୋଟେଲ କରିଥିଲେ। ଘଟଣାର ୫ଦିନ ପୂର୍ବରୁ କେୟାରଟେକର ରାମଚନ୍ଦ୍ରଙ୍କର ୨ ସମ୍ପର୍କୀୟ ଉକ୍ତ ମଣ୍ଡପକୁ ଆସି ଗୋଟିଏ ରାତି ରହିଥିଲେ। ତେବେ ସିସିଟିଭି ଫୁଟେଜରୁ ହୋଟେଲ ମାଲିକ ଭକ୍ତହରି ଏହା ଜାଣିବା ପରେ ରାମଚନ୍ଦ୍ରଙ୍କୁ ତାଗିଦ କରିଥିଲେ। ଏନେଇ ରାମଚନ୍ଦ୍ର ଘଟଣା ବିଷୟରେ ମଣ୍ଡପ ମାଲିକ ଦ୍ୱିବେଦୀଙ୍କୁ ଜଣାଇବା ସହ ହୋଟେଲର ସମସ୍ତ ସିସିଟିଭି ହଟାଇବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ନିର୍ଦ୍ଦେଶାନୁସାରେ

**▪ସାମାନ୍ୟ କଥାକୁ ନେଇ ନୃଶଂସ ପାଲଟିଥିଲେ**
**▪ରାଜ୍ୟ ବାହାରେ ଲୁଚିଥିଲେ**

ରାମଚନ୍ଦ୍ର ହୋଟେଲରୁ ସିସିଟିଭି ଖୋଲିବାକୁ ଯିବାବେଳେ ଭକ୍ତହରି ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ଭକ୍ତହରି ରାତି ପ୍ରାୟ ସାଢେ ୩ରେ ରାମଚନ୍ଦ୍ରଙ୍କୁ ଚାପୁଡ଼ା ମାରିବା ସହ ଝାଡୁରେ ପିଟିଥିଲେ। ଏଥିସହ ରାମଚନ୍ଦ୍ରଙ୍କ ମୁଣ୍ଡକୁ କାନ୍ଥରେ ଜୋର୍‌ରେ ପିଟିଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ମଣ୍ଡପ କର୍ମଚାରୀମାନେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାମଚନ୍ଦ୍ର ନିଶାସକ୍ତ ଅବସ୍ଥାରେ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା କରାଇବା ପରେ କର୍ମଚାରୀମାନେ ତାଙ୍କୁ ପୁଣି ମଣ୍ଡପକୁ ନେଇଆସିଥିଲେ। ପରଦିନ ଅପରାହ୍ନ ୫ଟାରେ ରାମଚନ୍ଦ୍ରଙ୍କ ଚେତା ନ ଫେରିବାରୁ କର୍ମଚାରୀମାନେ ତାଙ୍କୁ ପୁନର୍ବାର କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମଚନ୍ଦ୍ରଙ୍କୁ ପିଟି ପିଟି ମାରିଦେଇଥିବା ନେଇ ଭାଇ ମିଟୁ ନାୟକ ଧଉଳି ଥାନାରେ ଅଭିଯୋଗ କରିଥିଲେ। ହତ୍ୟା ପରେ ଅଭିଯୁକ୍ତ ଭକ୍ତହରି ରାଜ୍ୟ ବାହାରେ ଆତ୍ମଗୋପନ କରିଥିଲେ। କୌଣସି କାମରେ ଭୁବନେଶ୍ୱର ଆସିଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ କାବୁ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୧।୨୦୨୩

| | |
|---|---|
| ୩,୩୧,୬୭୦ଟଙ୍କା | |
| ସୁନା | ୩୫୦ମିଲିଗ୍ରାମ୍ |
| ରୁପା | ୩୨.୯୦୦ ଗ୍ରାମ୍ |

# ଇଲେକ୍ଟ୍ରୋ ହୋମିଓପାଥିର ପ୍ରସାର ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧୧।୧**

ଅଲ୍ ଓଡ଼ିଶା ଇଲେକ୍ଟ୍ରୋ ହୋମିଓପାଥି ପ୍ରାକ୍ଟିଶନ୍‌ର ଆସୋସିଏଶନ୍ ଏବଂ ମେଟ୍ଟି ହର୍ବାଲ୍ ହେଲ୍‌ଥ କେୟାର ଫାର୍ମାସ୍ୟୁଟିକାଲ୍ ମିଳିତ ଆନୁକୂଲ୍ୟରେ ବୁଧବାର ପୁରୀ ଜିଲା ସଂସ୍କୃତି ଭବନରେ ଅନ୍ତର୍ଜାତୀୟ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସମ୍ମିଳନୀ ଏବଂ ଇଲେକ୍ଟ୍ରୋ ହୋମିଓପାଥି ଉଦ୍ଭାବକ ଡ. କାଉଣ୍ଟ ସିଜର ମେଟ୍ଟିଙ୍କ ୨୧୪ତମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ନୀଳକଣ୍ଠ ପତି ଯୋଗଦେଇ ଇଲେକ୍ଟ୍ରୋ ହୋମିଓପାଥିକ୍‌ର ଉପଯୋଗିତା ଏବଂ ଏହାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ଉପମହାନିର୍ଦ୍ଦେଶକ ଡ. ସଂଗ୍ରାମ କେଶରୀ ପାଙ୍ଗଶାଣୀ ଯୋଗଦେଇ କହିଥିଲେ, ଇଲେକ୍ଟ୍ରୋ ହୋମିଓପାଥିର ବିକାଶ ପାଇଁ ଚିକିତ୍ସକମାନେ ଯତ୍ନବାନ ହେବା ଉଚିତ୍। କାରଣ ଏହା ବନସ୍ପତିରୁ ପ୍ରସ୍ତୁତ ଔଷଧ, ଯାହା ଆଶୁଫଳପ୍ରଦ ଓ ପାର୍ଶ୍ୱ ପ୍ରତିକ୍ରିୟାବିହୀନ। ତେଣୁ ସମାଜରେ ଏହା ଆଦୃତ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମା' ଅମ୍ବିକା ଇଲେକ୍ଟ୍ରୋ ହୋମିଓପାଥିକ୍ କଲେଜ ଆଣ୍ଡ୍ ହସ୍ପିଟାଲ୍‌ର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ରାଉତ ଯୋଗଦେଇ ଇଲେକ୍ଟ୍ରୋ ହୋମିଓପାଥିକର ବିଭିନ୍ନ ଅନୁସନ୍ଧାନ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ବାଂଲାଦେଶରୁ ଡା. ଆଶୁତୋଷ ବିଶ୍ୱାସ, ଡା. ମୋଜିତ ଚୌଧୁରୀ, କର୍ଣ୍ଣାଟକରୁ ଡା. ପ୍ରଭାକର ଶିବା ସିମପି, ଉତ୍ତରପ୍ରଦେଶରୁ ଡା. କାମଦନାଥ ତିୱାରି, ଆସାମରୁ ଡା. ଅଜୟ ସିଂହ, ଅରୁଣାଚଳ ପ୍ରଦେଶରୁ ଡା. ଚାଓ ଲିଖମ୍ ପମ୍ପୁ, ବିହାରରୁ ଡା. ଡଲି ଚୌଧୁରୀ, ଡା. ଅରବିନ୍ଦ ମୋହନ ମଧୁକର, ପଶ୍ଚିମବଙ୍ଗରୁ ଡା. ବିଷ୍ଣୁପଦ ପାହାଡି, ଡା. ତପନ ରାୟ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀକୁ ଆଲୋକ କୁମାର ସାହୁ ପରିଚାଳନା କରିଥିଲେ। ଓଡ଼ିଶା ଚିକିତ୍ସକ ସଂଘ ତରଫରୁ ଡା. ସୁଧାକର ବର୍ଦ୍ଧନ, ଡା. ନିହାର ରଞ୍ଜନ ପଣ୍ଡା, ଡା. ଗାୟତ୍ରୀ ସାହୁ, ଡା. ସ୍ମୃତିଶିଖା ବାରିକ, ଡା. ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମେଟ୍ଟି ହର୍ବାଲ ହେଲ୍‌ଥ କେୟାର ଫାର୍ମାସ୍ୟୁଟିକାଲର ପରିଚାଳନା ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଦଳାଇ ଧନ୍ୟବାଦ ଦେଇଥିଲେ।




ଜିଲା ସଂସ୍କୃତି ଭବନରେ ଆୟୋଜିତ ଅନ୍ତର୍ଜାତୀୟ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

### ଅନ୍ତର୍ଜାତୀୟ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସମ୍ମିଳନୀ

# ମୁଖ୍ୟ ଚିକିତ୍ସାଳୟରେ ସମସ୍ୟା ବୁଝିଲେ ଜିଲାପାଳ

**ପୁରୀ ଅଫିସ ୧୧।୧**

ଜିଲାପାଳ ସମର୍ଥ ବର୍ମା ବୁଧବାର ଅଚାନକ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ସକାଳେ ଜିଲାପାଳ ଅଚାନକ ବସଷ୍ଟାଣ୍ଡ ଆଡୁ ଚାଲି ଚାଲି ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ଡାକ୍ତରମାନଙ୍କ ସହିତ ସମସ୍ୟା ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ରୋଗୀମାନଙ୍କ ସହିତ ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ନେଇ କଥା ହୋଇଥିଲେ। ଏହି ସମୟରେ ଜଣେ ଯୁବକ ମେଡିକାଲ ପରିସରରେ ଥିବା ନିରାମୟ ମେଡିସିନ୍ ଷ୍ଟୋରରେ କିଛି ମେଡିସିନ ଦେଇ ଆଉ କିଛି ନ ଥିବା କହି ତାଙ୍କୁ ଫେରାଇ ଦେବା ସହ ବାହାରୁ ମେଡିସିନି କିଣିବା ପାଇଁ ଅଭିଯୋଗ କରିଥିଲେ। ତେବେ ସେ ତାଙ୍କ ମା'ଙ୍କ ପାଇଁ ପୂର୍ବରୁ ନିରାମୟରୁ ଉକ୍ତ ମେଡିସିନ୍ ନେଇଥିବା ବେଳେ ବର୍ତ୍ତମାନ ମେଡିସିନ୍ ନ ଥିବା କହି ବାହାରୁ କଣିବା ପାଇଁ କହୁଥିବା ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ଏ ନେଇ ନିରାମୟ ଯାଇ ମେଡିସିନ ସମ୍ପର୍କରେ ପଚାରିଥିଲେ। ତେବେ ମେଡିସିନ ଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ଯୁବକଙ୍କୁ ମେଡିସିନ ଦେଇଥିଲେ। ଏନେଇ ଜିଲାପାଳ ଉକ୍ତ ନିରାମୟ କର୍ମଚାରୀଙ୍କୁ ତାଗିଦା କରିଥିବା ସୂଚନା ମିଳିଛି। ତେବେ ଅଧିକାଂଶ ସମୟରେ ନିରାମୟରେ ଔଷଧ ନ ଥିବା କହି ଲୋକଙ୍କୁ ଫେରାଇ ଦିଆଯାଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାପାଳଙ୍କ ମେଡିକାଲ ପରିଦର୍ଶନ ସମୟରେ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ କାୟାକଳ୍ପ ଟିମ୍



ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡୁଥିବା ଅଳିଆ ଆବର୍ଜନାକୁ କାୟାକଳ୍ପ ଟିମ୍ ବୁଲି ଦେଖୁଛନ୍ତି।

**ଗୋପ,୧୧।୧(ଡି.ଏନ୍.ଏ.)**

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶହ ଶହ ରୋଗୀ ଆସୁଛନ୍ତି। ଏଠାରେ ନିଯୁକ୍ତ ଡାକ୍ତରଙ୍କ ସହିତ ସମସ୍ତ କର୍ମଚାରୀ ସୁଚାରୁ ରୂପେ ସ୍ୱାସ୍ଥ୍ୟସେବା ସମ୍ପାଦନା କରୁଛନ୍ତି। ଏଥିସହ ଅଧିକ ମାତ୍ରାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ବୁଧବାର ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମକୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ୍ ଆଫ୍ରୋଜ ଏହି ସୂଚନା ଦେଇଛନ୍ତି। ଏହି ୩ ଜଣିଆ ଟିମ୍ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସନ୍ତୋଷ ପ୍ରକାଶ କରିଥିବା କହିଛନ୍ତି। ପ୍ରତ୍ୟେକ ଦିନ ଗୋପ, କୋଣାର୍କ, ନୟାହାଟ ଏବଂ ନିମାପଡ଼ାର ଅଧିକାଂଶ ସ୍ଥାନରୁ ରୋଗୀମାନେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସିଥାନ୍ତି। ଏଥିସହ ୨୦୩ ରାଜ୍ୟ ରାଜପଥରେ ଘଟୁଥିବା ଦୁର୍ଘଟଣା ଜନିତ ଅଧିକାଂଶ ଘଟଣା ଏହି ଡାକ୍ତରଖାନାକୁ ଆସିଥାଏ। କାୟାକଳ୍ପର ଡ. ଜ୍ୟୋତିର୍ମୟୀ ରାଉତଙ୍କ ନେତୃତ୍ୱରେ ଡ. ବ୍ରଜକିଶୋର ବେହେରା, ଡ. ସୁଧାଂଶୁ ଶେଖର ସାମନ୍ତ ଗୋପ ଡାକ୍ତରଖାନାରେ ପହଞ୍ଚି ନିରାମୟ, ବହିର୍ବିଭାଗ, ଅନ୍ତର୍ବିଭାଗ, ଚକ୍ଷୁ ବିଭାଗ, ପ୍ରସୂତି ବିଭାଗ, ଜରୁରିକାଳୀନ ସେବା ବିଭାଗ, ବର୍ଜ୍ୟବସ୍ତୁ ବିଭାଗ, ଦନ୍ତ ବିଭାଗ ସହିତ ଅନ୍ୟାନ୍ୟ ବିଭାଗ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହି ଟିମ୍‌ରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଟି. ନାରାୟଣ ରାଓ, ଅଶୋକ ସାହୁ, କସ୍ତୁରୀ ମହାପାତ୍ର, ମନୋଜ ପଣ୍ଡା, ଡ. ଆଫ୍ରୋଜ୍ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସୁଥିବା ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମେଡିକାଲ ଛକ- ବାଟ ଗାଁ ରାସ୍ତା ପ୍ରଶସ୍ତ ହେବ: ଉଚ୍ଛେଦ ଆରମ୍ଭ

**ପୁରୀ ଅଫିସ, ୧୧।୧:** ପୁରୀ ମେଡିକାଲ ଛକ ଠାରୁ ବାଟ ଗାଁ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ବୁଧବାରଠାରୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ମେଡିକାଲ ଛକଠାରୁ ଅଠରନଳା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା କେତେକ ଘର ଓ ଦୋକାନକୁ ଉଚ୍ଛେଦ କରାଯାଇଛି। ପୁରୀରେ ଦିନକୁ ଦିନ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ପାଉଥିବାରୁ ଯାତାୟତ ଓ ଗମନାଗମନ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ରାସ୍ତାକୁ ପ୍ରଶସ୍ତ କରାଯିବ। ବିଶେଷ କରି ଟ୍ରାଫିକ ସମସ୍ୟା ଦୂର କରିବା ଲାଗି ପୁରୀର ମୁଖ୍ୟ ପ୍ରବେଶ ପଥକୁ ପ୍ରଶସ୍ତ କରିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ପ୍ରଶସ୍ତୀକରଣ ପାଇଁ ୧୧ଟି ମୌଜାର ୫ ଏକର ଘରୋଇ ଜାଗାରେ ୫୬୮ଟି ପ୍ଲଟ ଚିହ୍ନଟ କରାଯାଇଛି। ଉଚ୍ଛେଦ ସମୟରେ ଜିଲାପାଳ ସମର୍ଥ ବର୍ମା ପରିସ୍ଥିତି ଅନୁଧ୍ୟାନ କରିଥିବାବେଳେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ।

### ସତ୍ୟବାଦୀ ଜାତୀୟ ବନ ବିଦ୍ୟାଳୟ ନାମ ପୁନରୁଦ୍ଧାର ହେଉ

**ସାକ୍ଷୀଗୋପାଳ,୧୧।୧ (ଡି.ଏନ୍.ଏ/ସ୍ୱ.ପ୍ର.):** ଐତିହ୍ୟସମ୍ପନ୍ନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଯାହା ଉତ୍କଳମଣିଙ୍କ ହାତଗଢ଼ା କାରଖାନା ରୂପେ ସର୍ବତ୍ର ପରିଚିତ। ସେହି ବିଦ୍ୟାଳୟ ଦିନେ ଜାତୀୟ ବିଦ୍ୟାଳୟର ମାନ୍ୟତା ପାଇ ସତ୍ୟବାଦୀ ଜାତୀୟ ବନ ବିଦ୍ୟାଳୟ ନାମକରଣ କରାଯାଇଥିଲା। ମାତ୍ର ଜାତୀୟ ବନ ବିଦ୍ୟାଳୟ ନାମକୁ ପରିବର୍ତ୍ତନ କରାଯାଇ କେବେଠାରୁ ସରକାରୀସ୍ତରରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଭାବେ ପରିଚୟ ପାଇଛି। ଯେଉଁଥିପାଇଁ ଅଞ୍ଚଳବାସୀ, ପୁରାତନ ଛାତ୍ର ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟରୁ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ପ୍ରଧାନ, ବନମାଳୀ ବେହେରା, ହରିବନ୍ଧୁ ପ୍ରଧାନ, ପ୍ରସନ୍ନ ରଥ, ପ୍ରଭାତ ଚନ୍ଦ୍ର ରଥ, ବିଜୟ ପରିଡ଼ା, ସତ୍ୟବାଦୀ ଦାଶ ଓ ପ୍ରଶାନ୍ତ ତ୍ରିପାଠୀ ଏବଂ ବର୍ତ୍ତମାନର ସତ୍ୟବାଦୀ ବିଇଓ ଭବମ୍ ପ୍ରଧାନଙ୍କ ସମେତ ଅନ୍ୟମାନେ ବିଦ୍ୟାଳୟ ପରିସରରେ ଏକଜୁଟ ହୋଇ ସତ୍ୟବାଦୀ ଜାତୀୟ ବନ ବିଦ୍ୟାଳୟ ନାମକରଣକୁ ପୁନରୁଦ୍ଧାର କରାଯିବାକୁ ପ୍ରସ୍ତାବ ଦେଇଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ନାମକୁ ପରିବର୍ତ୍ତିତ କରି ଏହାର ଗୌରବମୟ ଗରିମାକୁ ଅକ୍ଷୁଣ୍ଣ ରଖିବା ସହ ସତ୍ୟବାଦୀ ଜାତୀୟ ବନ ବିଦ୍ୟାଳୟ ନାମକରଣ କରିବା ପାଇଁ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ୨ ସମିତିରେ ଖୋଲିଲା ଧାନମଣ୍ଡି

**ଡେଲାଙ୍ଗ,୧୧।୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅଧୀନ ମୁନିନ୍ଦାସ୍ଥିତ ବାଲୁଙ୍କେଶ୍ୱର ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଶୁଭାରମ୍ଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଅମିୟ ପରିଡା ଏହାକୁ ଉଦ୍‌ଘାଟନ କରିଥିଲେ। ସମାବେଶରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସମବାୟ ସମିତିର ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ନରେନ୍ଦ୍ର ପରିଡାଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ଶ୍ରୀ ଗୋପାଲ ଜି ରାଇଶ ମିଲର ଧାନ ଉଠାଉଥିବା ବେଳେ ଏଫଏକ୍ୟୁ କହି ୫କେଜି କାଟ କରିଥିଲେ। ଚାଷୀମାନେ ଏହାକୁ ପ୍ରତିବାଦ କରିଥିଲେ। ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କଠାରୁ ୪୬୦ କୁଇଣ୍ଟାଲ ଧାନକିଣା ଯାଇଥିବା ସମ୍ପାଦକ ଦିଲୀପ କୁମାର ପରିଡା କହିଛନ୍ତି। ଘୋରଡିଆ ସମବାୟ ସମିତିର ସଭାପତି ଚିତ୍ରସେନ ନିଶଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟନ କରାଯାଇଥିଲା। ୧୮ଜଣଙ୍କ ଚାଷୀଙ୍କଠାରୁ ୪୮୦ କୁଇଣ୍ଟାଲ ଧାନ ଅଭିରାଲ୍ଲାଇସ୍ ମିଲ କ୍ରୟ କରିଥିବା ସମ୍ପାଦକ ଦିଲପ ପରିଡା ସୂଚନା ଦେଇଛନ୍ତି। ଧାନର କଟ୍‌ନିଛଟ୍‌ନି ନ କରିବା ପାଇଁ ଜିଲାପାଳ ନିଷ୍ପତ୍ତି କରିଥିବା ବେଳେ ଡେଲାଙ୍ଗ ବ୍ଲକରେ ପ୍ରଥମ ଧାନମଣ୍ଡି କେନ୍ଦ୍ରଶ୍ୱରୀ ସମବାୟ ସମିତିରେ ଉଦ୍‌ଘାଟନ କରାଯାଇଥିଲା।

# ବିଶ୍ୱକପ୍ ହକି ଉଦ୍‌ଘାଟନ: ଝୁମିଲେ ପୁରୀବାସୀ, ପର୍ଯ୍ୟଟକ

**ପୁରୀ ଅଫିସ, ୧୧।୧**

ହକି ବିଶ୍ୱକପ୍‌ର୍ ଉଦ୍‌ଘାଟନ କାର୍ଯ୍ୟକ୍ରମ ବୁଧବାର କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏହିପରିପ୍ରେକ୍ଷୀରେ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମି ସିଟି ଫେଷ୍ଟ ଇନ ଓଲିସ୍ ଲ୍ୟାଣ୍ଡରେ ଏକ ବଡ଼ ଏଲ୍‌ଇଡି ଟିଭି ମାଧ୍ୟମରେ ଏହି ଉଦଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଜିଲାପାଳ ସମର୍ଥ ବର୍ମା ଏବଂ ଶ୍ରୀମନ୍ଦିର ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବେଦଧ୍ୱନି ଓ ଶଙ୍ଖ ନାଦରେ ପରିବେଶ ପ୍ରକମ୍ପିତ ହୋଇଥିଲା। ହଜାର ହଜାର ଦର୍ଶକ ଉପସ୍ଥିତ ରହି ଉଦଘାଟନ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଚକ୍ ଦେ ଇଣ୍ଡିଆ ଧ୍ୱନି ଦେଇ ଝୁମିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନେ ଯୋଗଦେଇ ଭରପୁର ମଜା ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରାକେଶ କୁମାର ପଣ୍ଡା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଓଡ଼ିଶା ମୋ ପରିବାର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।



ଜିଲାପାଳ ସମର୍ଥ ବର୍ମା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।



ଏଲଇଡି ମାଧ୍ୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ପୁରୀ ବେଳାଭୂମିରେ ଛାତ୍ରୀଛାତ୍ର ଓ ଲୋକଙ୍କ ଭିଡ଼।

# ମହାପ୍ରଭୁଙ୍କ ବନକ ଲାଗି ନୀତି

**ପୁରୀ ଅଫିସ, ୧୧।୧**

ମାଘ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥି ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହି ଗୁପ୍ତ ନୀତି ସମୟରେ ଜୟବିଜୟ ଦ୍ୱାର ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡପଲାଗି ଓ ପହୁଡ ଆଳତି ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକ ଲାଗି ନୀତି ସମ୍ପାଦନ ନିମନ୍ତେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର ସାରି ଫେରିବା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ପରେ ଦର୍ଶନ ଆରମ୍ଭ ହୋଇଥିଲା।

# ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**କଣାସ,୧୧।୧(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ଅବସ୍ଥିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଗୁପ୍ତେଶ୍ୱର ସ୍ୱାଇଁ, ବିଜୟ ସ୍ୱାଇଁ, ଅଜୟ ମହାପାତ୍ର, ଅଭୟ ତାଡ଼, ମନୋଜ ମିଶ୍ର, ପ୍ରସନ୍ନହରି ପ୍ରଧାନ, ରବୀନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ସାହୁ, ଶିବାନୀ ବରାଳ, ବିଜୟ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ଏବଂ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଶ୍ୱମ୍ବର ପାଇକରାୟ ଓ ପ୍ରତାପ ମାଝୀ ଏହାକୁ ପରିଚାଳନା କରିଥିଲେ।

# ନିଶା ନିବାରଣ ସଚେତନତା

**ପୁରୀ ଅଫିସ, ୧୧।୧**

ଜାତୀୟ ଯୁବ ଦିବସ ଉପଲକ୍ଷେ ପୁରୀର ସାମାଜିକ ଅନୁଷ୍ଠାନ 'ଦି ବେଲ୍'ର ଯୁଥ ଫୋରମ ପକ୍ଷରୁ ବଳିଆପଣ୍ଡା ବସ୍ତିରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ବସ୍ତିବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ବର୍ତ୍ତମାନର ଯୁବପିଢ଼ି ନିଶାପାନ କରି ସମାଜକୁ ଅଧିକରୁ ଅଧିକ କଳୁଷିତ କରିବାରେ ଲାଗିଛନ୍ତି। ବସ୍ତି ଅଞ୍ଚଳରେ ନିଶାର ପ୍ରାଦୁର୍ଭାବ ଅଧିକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଯୁଥ ଫୋରମ କାର୍ଯ୍ୟକର୍ତ୍ତାମାନେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା ମାଧ୍ୟମର ଯୁବପୀଢ଼ିଙ୍କୁ ନିଶାଠାରୁ ଦୂରେଇବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଥିବା ଯୁଥ ଫୋରମ ସଂଜଯୋକ ସତ୍ୟନାରାୟଣ ସାହୁ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଦୁସ୍ଥ ଲୋକଙ୍କୁ ଶୀତ ବସ୍ତ୍ର ସହ ପୋଷାକ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଆବାହକ ସିଦ୍ଧାର୍ଥରାୟ, ରାଜକିଶୋର ପାତ୍ର, ସୁକାନ୍ତ ପଣ୍ଡା, ବ୍ରଜକିଶୋର ସାହୁ, ଗଜଲକ୍ଷ୍ମୀ ରାୟ, ଟିଙ୍କିନା ପ୍ରଧାନ, ଦେବରାଜ ଦାସ ଏବଂ ଯୁଥ ଫୋରମର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୫ ଚାଷୀଙ୍କଠାରୁ ୨୦୦ କୁଇଣ୍ଟାଲ ଧାନ କ୍ରୟ



ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥି।

**ଅସ୍ତରଙ୍ଗ,୧୧।୧(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକରେ କ୍ରୀଡ଼ା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବୁଧବାର ଧାନମଣ୍ଡିର ଶୁଭାରମ୍ଭ କରିଛନ୍ତି। ଅସ୍ତରଙ୍ଗ, ଚକ୍ରପଡ଼ା, ବନ୍ତିଲୋ, ନଇଗୁଆଁ, ଅଠଟିରା, କନ୍ତପଏଁରା, ଶିଶୁଅ, କେନ୍ଦ୍ରାପଟି, ନଗର, ଏଡ଼ବାଂଶ ୧୦ଟି ସମବାୟ ସମିତିକୁ ନେଇ ପୁରୀ ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ଗଠିତ। ମନ୍ତ୍ରୀ ବେହେରା ଚାଷୀଙ୍କ ଧାନର ଏଫ୍‌ଏକ୍ୟୁମାନକୁ ଦେଖି ଧାନ କ୍ରୟ କରିବା ସହିତ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ପ୍ରଦାନ କରିବାକୁ ସମସ୍ତ ସମବାୟ ସମ୍ପାଦକ ଓ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡିରେ ଯେପରି କଟ୍‌ନୀଛଟ୍‌ନୀ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଅନ୍ୟତମ ଅତିଥି ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଓ ଜିଲା ସମବାୟ ବ୍ୟାଙ୍କ ଅଧ୍ୟକ୍ଷ କିଶୋର ଛୋଟରାୟ ପରାମର୍ଶ ଦେଇଥିଲେ। ୩ ଜଣ ଅଗ୍ରଣୀ ଚାଷୀ ନରେନ୍ଦ୍ର ସାହୁ, ଚୈତନ୍ୟ ଜେନା, ଭ୍ରମରବର ବିଶ୍ୱାଳଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ବ୍ଲକ ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ପୁରୀ–ନିମାପଡ଼ା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାର ଠାଥ ବିଶ୍ୱାଳ, କାକଟପୁର ବ୍ଲକ ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ ଉପସ୍ଥିତ ଥିଲେ। ପଞ୍ଚାନନ ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ୨୦୦ କୁଇଣ୍ଟାଲ ଧାନ କିଣାଯାଇଥିବା ସମ୍ପାଦକ ପବିତ୍ର ନାୟକ କହିଛନ୍ତି।

# କଟକ ବିଡ଼ାନାସୀକୁ ହରାଇ ସେମିରେ ନିମାପଡ଼ା

**ନିମାପଡ଼ା,୧୧।୧(ଡି.ଏନ୍.ଏ.)**

### ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ କିଶୋର ପଣ୍ଡା ସ୍ମାରକୀ ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍‌ର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ବିଡ଼ାନାସୀ ଏକାଡେମୀକୁ ହରାଇ ଆୟୋଜକ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ବିଜୟ ହାସଲ କରି ସେମିରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ନିର୍ଦ୍ଧାରିତ ୩୦ ଓଭରରୁ ୨୨.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୦ ରନ୍ ସଂଗ୍ରହ କରିଥିଲା। ଦଳର ବିଶ୍ୱଜିତ୍ ତ୍ରିପାଠୀ ୩୪ ରନ୍, ଜ୍ୟୋତିରଞ୍ଜନ ବିଶ୍ୱାଳ ୨୪ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କଟକ ବିଡ଼ାନାସୀର ବୋଲର ଦୀପକ ରଞ୍ଜନ ବେହେରା ୩ଟି, ଶୁଭ୍ରାଂଶ ମହାନ୍ତି ୨ ଉଇକେଟ୍ ନେଇଥିଲେ। କଟକ ବିଡ଼ାନାସୀ ୨୩.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲେ। ଦଳର ଦୀପକ ରଞ୍ଜନ ବେହେରା ୨୪ ରନ୍, କାବୁନା ସେନାପତି ୨୪ ରନ୍ ସଂଗ୍ରହ କରିଥିଲେ। ନିମାପଡ଼ାର ବୋଲର ଲୋହିତ ମହାନ୍ତି ୩ଟି, ସ୍ୱାଗତ ସତ୍ୟମ୍ ୩ଟି, ପ୍ରିୟରଞ୍ଜନ ମୁଦୁଲି ୨ଟି ଉଇକେଟ୍ ନେଇଥିଲେ। ଓସିଏର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ନିର୍ମଳ ମିଶ୍ର ଓ ତ୍ରିଭୁବନନାଥ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ଓମ୍ ରଞ୍ଜନ ପ୍ରଧାନ ଓ ରୋଶନଜିତ୍ ରାୟ ସ୍କୋରର ଥିଲେ। ବିଜୟୀ ନିମାପଡ଼ା ଦଳର ବିଶ୍ୱଜିତ୍ ତ୍ରିପାଠୀ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସ୍ୱତନ୍ତ୍ର ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଫୁଟବଲ୍ କୋଚ ପ୍ରକାଶ ବରାଳ, କ୍ରୀଡ଼ାବିତ୍ ମାନସ ବେଉରା, କ୍ରୀଡ଼ା ସଂଗଠକ ଅକ୍ଷୟ ବେହେରା, ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରୀଡ଼ାବିତ୍ ପଦ୍ମଚରଣ ପାଣିଗ୍ରାହୀ, ଯୁବନେତା ପୂର୍ଣ୍ଣଚନ୍ଦ୍ର ସାହୁ, କାଉନ୍‌ସିଲର ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୁରୁବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଏବଂ ଖଡ଼ଗପୁର ରେଲ୍‌ୱେ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିମାନେ ବିଶ୍ୱଜିତ୍ ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିବେକାନନ୍ଦ ଜୟନ୍ତୀ ପାଳନ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର, ଚନ୍ଦ୍ରଶେଖରପୁର, ସକାଳ ୮ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ, ୟୁନିଟ୍-୪, ସକାଳ ୮ଟା ୩୦, ଅପରାହ୍ନ ୫ଟା।
- ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନ ପକ୍ଷରୁ ଓଡ଼ିଶା ଭିଜନ ୨୦୩୬ କନ୍‌କ୍ଲେଭ୍, ଏମ୍‌କେସିଜି ଅଡିଟୋରିୟମ୍, ଉତ୍କଳ ୟୁନିଭର୍ସିଟି, ପୂର୍ବାହ୍ନ ୧୦ଟା ୩୦।
- କ୍ରାନ୍ତିକାରୀ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ଯୁବ ଦିବସ ଅବସରରେ ଆଲୋଚନାଚକ୍ର, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ ଉତ୍ସବ, ବଡ଼ଗଡ଼ ବ୍ରିଟ୍ କଲୋନୀ, ଅପରାହ୍ନ ୪ଟା।
- ଜନନେତା ପ୍ରହ୍ଲାଦ ମଲିକଙ୍କ ୯୪ତମ ଜୟନ୍ତୀ ସମାରୋହ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୪ଟା ୩୦।

କଟକ
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯୁବ ସାରସ୍ୱତ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

କଣ୍ଟାପଡ଼ା
- ରକ୍ତଦାନ ଶିବିର, ଆରୋଗ୍ୟ ଭବନ, ଓଲଟପୁର, ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ଗୋବିନ୍ଦପୁର ମହାବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।

ବଡ଼ମ୍ବା
- ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ମିଳିତ ସାଂସ୍କୃତିକ ଓ ବାର୍ଷିକ ଉତ୍ସବ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

ପୁରୀ
- ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ଗୁଣ୍ଡିଚା ମନ୍ଦିରଠାରୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ, ବେଳାଭୂମି ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ନିକଟ, ଅପରାହ୍ନ ୨ଟା ୩୦।
- ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଜନମଞ୍ଚ, ଶରଧାବାଲି, ଅପରାହ୍ନ ୩ଟା।

# ଷ୍ଟେଟ୍ ଫୋରେନ୍‌ସିକ୍ ଲାବ୍‌ର ତଥ୍ୟରେ ଇଡି ଅସନ୍ତୁଷ୍ଟ

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଝାରପଡ଼ା ଜେଲରେ ଥିବାବେଳେ ବେଆଇନ ଅର୍ଥ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅଧିକ ତଦନ୍ତ କରାଯାଉଛି। ବୁଧବାର ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ଭିଡିଓ କଲ୍ ମାଧ୍ୟମରେ କୋର୍ଟଙ୍କ ନିକଟରେ ହାଜର ହୋଇଥିଲେ। ଏହି ସମୟରେ ଇଡି ଅର୍ଚ୍ଚନା ଓ ଜଗବନ୍ଧୁଙ୍କଠାରୁ ଜବତ ହୋଇଥିବା ଡିଜିଟାଲ ପ୍ରମାଣପତ୍ରକୁ ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲାବ (ସିଏଫ୍‌ଏସ୍‌ଏଲ୍)କୁ ପଠାଇ ଯାଞ୍ଚ କରିବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଛି। ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବ୍ (ଏସ୍‌ଏଫ୍‌ଏସ୍‌ଏଲ୍)ରେ ଏହି ଡିଜିଟାଲ ପ୍ରମାଣପତ୍ରର ଯାଞ୍ଚରେ ମିଳିଥିବା ତଥ୍ୟରେ ଇଡି ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ତେଣୁ ସେଣ୍ଟ୍ରାଲ ଫୋରେନ୍‌ସିକ୍



**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**
- ସେଣ୍ଟ୍ରାଲ ଫୋରେନ୍‌ସିକ୍ ଲାବ୍‌ରେ ଯାଞ୍ଚ ପାଇଁ ଆବେଦନ
- ଭିଡିଓ କଲ୍‌ରେ ହାଜର ହେଲେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର

ସାଇନ୍ସ ଲାବ୍‌ରେ ଏହି ପ୍ରମାଣପତ୍ରର ଅଧିକ ଯାଞ୍ଚ କରାଗଲେ ବେଆଇନ ଅର୍ଥ କାରବାରକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରେ ବୋଲି ଇଡି ଆଶା ରଖିଛି। କୋର୍ଟ ଏନେଇ ଇଡିକୁ ଅନୁମତି ଦେଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଗାମୀ ୨୪ ତାରିଖରେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର କୋର୍ଟଙ୍କ ନିକଟରେ ହାଜର ହେବାର ରହିଛି।

ସୂଚନାଯୋଗ୍ୟ, ଗିରଫବେଳେ ଅର୍ଚ୍ଚନାଙ୍କ ଘରୁ ୪ରୁ ଅଧିକ ମୋବାଇଲ ଫୋନ୍, ୨ ଟାବ୍‌ଲେଟ୍, ଗୋଟିଏ ପେନ୍‌ଡ୍ରାଇଭ୍ ଓ ଖଗେଶ୍ୱରଙ୍କ ପାଖରୁ ୨ରୁ ଅଧିକ ମୋବାଇଲ କମିଶନରେଟ ପୋଲିସ ଜବତ କରିଥିଲା। ପ୍ରମାଣ ପାଇବାକୁ ସେଗୁଡ଼ିକୁ ପୋଲିସ ଫୋରେନ୍‌ସିକ୍ ଲାବ୍‌କୁ ପଠାଇଥିଲା। ତେବେ ଏହି ଡିଜିଟାଲ ପ୍ରମାଣପତ୍ରର ତଥ୍ୟ ହସ୍ତାନ୍ତର ପାଇଁ ଇଡି ପକ୍ଷରୁ ଚିଠି ଲେଖାଯାଇଥିଲା। ବିଳମ୍ବ ହେବାରୁ କୋର୍ଟ ଇଡିକୁ ଏହି ଡିଜିଟାଲ ପ୍ରମାଣପତ୍ର ରିପୋର୍ଟକୁ ହସ୍ତାନ୍ତର କରିବାକୁ ଷ୍ଟେଟ୍ ଫୋରେନ୍‌ସିକ ଲାବ୍‌କୁ ନିର୍ଦ୍ଦେଶ ଦେଇଥିଲା। ପରବର୍ତ୍ତୀ ସମୟରେ ଇଡି ଏସବୁ ଡିଜିଟାଲ ରିପୋର୍ଟ ପାଇଥିଲେ ମଧ୍ୟ ସେପରି କିଛି ନ ଥିବାରୁ ସନ୍ଦେହ ଉପୁଜିଛି।

ଅନ୍ୟପକ୍ଷରେ ଇଡି ଏହି ୩ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ କରିଛି। ପୂର୍ବରୁ ଅର୍ଚ୍ଚନାଙ୍କ ଏକ ଦାମୀ କାର୍‌କୁ ଜବତ କରିଥିଲା ଇଡି। ସୋମବାର ସତ୍ୟବିହାରସ୍ଥିତ ଆଲିଶାନ ଘରକୁ ମଧ୍ୟ ଇଡି ଆଟାଚ୍ କରିଛି। ସେହିପରି ଅର୍ଚ୍ଚନାଙ୍କ ସମେତ ଖଗେଶ୍ୱରଙ୍କ ସମ୍ପତ୍ତି ମଧ୍ୟ ଆଟାଚ୍ କରିବାକୁ ଇଡି ଜୋର୍‌ଦାର ପ୍ରୟାସ ଜାରି ରଖିଛି। ସେପଟେ ଅର୍ଚ୍ଚନାଙ୍କ ପକ୍ଷରୁ କିଛିଦିନ ତଳେ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ରାୟ ନିକଟରେ ଆସିବ ବୋଲି ସୂଚନା ମିଳିଛି।

# ଓଡ଼ିଆ ଚଳଚ୍ଚିତ୍ରର ମୂଳଦୁଆ ପକାଇଥିଲେ ମୋହନ ସୁନ୍ଦର




ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ଓଡ଼ିଶାର ରଙ୍ଗମଞ୍ଚ, ନାଟକ, ରାସଦଳକୁ ଲୋକପ୍ରିୟ କରିବା ସହ ନିଜେ ନାଟକ, ଗୀତ ରଚନା କରି ତାହାକୁ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ନିକଟରେ ପହଞ୍ଚାଇ ମୋହନ ସୁନ୍ଦର ଦେବଗୋସ୍ୱାମୀ ଓଡ଼ିଶାର କଳା କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲେ। ଶ୍ରୀଜଗନ୍ନାଥଙ୍କ ଉପରେ ଭକ୍ତିପୂର୍ଣ୍ଣ ସୁଆଙ୍ଗ ପରିବେଷଣ ସହିତ ଗୋଟିପୁଅ ନୃତ୍ୟ ଓ ଓଡ଼ିଶୀ ନୃତ୍ୟକୁ ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କ ରାସ ଦଳରେ ଯୋଗଦେଇଥିବା ଗୁରୁ କେଳୁଚରଣ ମହାପାତ୍ରଙ୍କ ସମେତ ବହୁ କଳା ପ୍ରତିଭାଙ୍କ ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ପ୍ରଯୋଜନା, ନିର୍ଦ୍ଦେଶନା ଦେବା ସହ ଏହି ଚଳଚ୍ଚିତ୍ରରେ ସେ ନିଜେ ଅଭିନୟ କରିଥିଲେ। 'ସୀତା ବିବାହ' ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ ନିଜ ସମ୍ପତ୍ତି ବିକ୍ରୟ କରିବା ସହ ଋଣଗ୍ରସ୍ତ ହୋଇ ତଳିତଳାନ୍ତ ହୋଇ ଓଡ଼ିଆ ଚଳଚ୍ଚିତ୍ରର ମୂଳଦୁଆ ପକାଇଥିବାରୁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଚିରସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ବୁଧବାର ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଦେବଗୋସ୍ୱାମୀଙ୍କ ୭୫ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ,ବିଜୁଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ,ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ରୀତା ମହାନ୍ତି, ଅନୁପମା ବେହେରା, ସଂଯୁକ୍ତା ପାଣିଗ୍ରାହୀ, ସତ୍ୟବ୍ରତ ଜେନା, ପ୍ରଗତି ରଥ, ଭକ୍ତି ପ୍ରସାଦ ପଲାଇ ଓ 'ଉଇ ଫର ଭୁବନେଶ୍ୱର' ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସୁବାସ ଚନ୍ଦ୍ର ଦାସଙ୍କୁ ମୋହନ ସୁନ୍ଦର ଦେବଗୋସ୍ୱାମୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ହାତୀ ଆକ୍ରମଣରେ ଯୁବକ ଗୁରୁତର, ଏମ୍ସରେ ଭର୍ତ୍ତି

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚୁଳା ଗ୍ରାମର ରମେଶ ଭୋଳ ହାତୀ ଆକ୍ରମଣରେ ଗୁରୁତର ହୋଇ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଟ୍ରମା ଓ ଏମରଜେନ୍ସି ବିଭାଗର ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରମେଶ ଗତ ମଙ୍ଗଳବାର ଗାଁ ପାଖ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଦିନ ପ୍ରାୟ ୨ଟା ବେଳକୁ ଜାଳେଣି କାଠ ମୁଣ୍ଡେଇ ଜଙ୍ଗଲରୁ ଫେରିବାବେଳେ ହାତୀ ସହିତ ସାମ୍ନାସାମ୍ନି ହୋଇଥିଲେ। କିଛି ବୁଝିବା ପୂର୍ବରୁ ହାତୀଟି ରମେଶଙ୍କ ଆଡ଼କୁ ମାଡ଼ି ଆସିଥିଲା। ବିକଳରେ କାଠ ବୋଝକୁ ଫୋପାଡ଼ି ଦେଇ ଦୌଡ଼ିବା ବେଳକୁ ହାତୀଟି ଶୁଣ୍ଢରେ ତାଙ୍କୁ କଚାଡ଼ି ଦେଇଥିଲା। ତଳେ ପଡ଼ିଯିବା ପରେ ହାତୀଟି ରମେଶଙ୍କ ପିଠି ଉପରେ ଗୋଟିଏ ଗୋଡ଼ ମଧ୍ୟ ଥୋଇ ଚଢ଼ି ଯାଇଥିଲା। ଏତିକିବେଳେ ରମେଶଙ୍କ ପଛେ ପଛେ ଆସୁଥିବା ଅନ୍ୟ ଜଣେ ଲୋକ ସେଠାରେ ପହଞ୍ଚି ପାଟି କରିବାରୁ ହାତୀଟି ରମେଶଙ୍କୁ ଛାଡ଼ି ପଳାଇଥିଲା। ଏଥିରେ ରମେଶଙ୍କ ଛାତିର ଉଭୟ ପାର୍ଶ୍ୱରେ ଥିବା ଅନେକ ପିଞ୍ଜରା ହାଡ଼ ଭାଙ୍ଗିଯିବା ସହିତ ଫୁସ୍‌ଫୁସ୍‌ରେ ରକ୍ତ ଜମା ହୋଇ ରହିଥିବାରୁ ତାଙ୍କୁ ନିଃଶ୍ୱାସ ନେବାରେ କଷ୍ଟ ହେଉଛି। ଉଲ୍ଲେଖଯୋଗ୍ୟ, ହାତୀ ଆକ୍ରମଣରେ ଆହତଙ୍କ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିଥାଏ।

## ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର

**ସାକ୍ଷୀଗୋପାଳ,୧୧।୧ (ସ୍ୱ.ପ୍ର./ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ନିକଟ ବାଟ ମହାବୀର ମନ୍ଦିର ସମ୍ମୁଖରେ ବୁଧବାର ଅପରାହ୍ନ ୧ଟା ସମୟରେ ୨ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ନିମାପଡ଼ା ମିଟେଇପୁର ନିକଟସ୍ଥ ମାଲିଆ ସାହିର ନୀଳକଣ୍ଠ ଦାସ (୫୮), ସ୍ତ୍ରୀ ନିର୍ମଳା ଦାସ (୫୮), ଅନ୍ୟଜଣେ ଚନ୍ଦନପୁର ଥାନା ଅନ୍ତର୍ଗତ ଆଳପୁର ଗ୍ରାମର ସୁଦର୍ଶନ ଭୋଇ (୨୪)। ସୂଚନା ମୁତାବକ, ଉଭୟ ସ୍ୱାମୀ ସ୍ତ୍ରୀ ନୀଳକଣ୍ଠ, ନିର୍ମଳା ଗୋଟେ ସ୍କୁଟିରେ ନିମାପଡ଼ାରୁ ପୁରୀ ଅଭିମୁଖେ ଆତ୍ମୀୟଙ୍କ ଘରକୁ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ସୁଦର୍ଶନ ଆସୁଥିଲେ। ବାଟ ମହାବୀର ମନ୍ଦିର ସମ୍ମୁଖରେ ସେମାନଙ୍କ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ସତ୍ୟବାଦୀ ପିସିଆର୍ ଭ୍ୟାନ କର୍ମଚାରୀ ତୁରନ୍ତ ୩ ଜଣଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନୀଳକଣ୍ଠଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ନିର୍ମଳା ଓ ସୁଦର୍ଶନଙ୍କୁ ପୁରୀ ପଠାଇ ଦିଆଯାଇଛି। ନୀଳକଣ୍ଠଙ୍କ ମୃତଦେହ ସତ୍ୟବାଦୀ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ୧୮୮ ପରିବାରକୁ ମିଳୁନି କ୍ଷତିପୂରଣ

**ଗୋପ,୧୧।୧(ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଗ୍ୟାସ, ପେଟ୍ରୋଲ ଥିବା ସନ୍ଧାନ ସମୟରେ ହୋଇଥିବା ବ୍ଲାଷ୍ଟିଂରେ କ୍ଷତିଗ୍ରସ୍ତ ୧୮୮ ପରିବାରଙ୍କୁ ସହାୟତା ରାଶି କମ୍ପାନୀ ପକ୍ଷରୁ ଦିଆଯାଇ ନାହିଁ। ଏପରିକି ଏ ନେଇ ହାଇକୋର୍ଟରେ ହୋଇଥିବା ନିର୍ଦ୍ଦେଶକୁ ମଧ୍ୟ କମ୍ପାନୀ ଅବମାନନା କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଓ କ୍ଷତିପୂରଣ ଦାବିରେ କ୍ଷତିଗ୍ରସ୍ତ ଶତାଧିକ ପରିବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ୨୦୨୧ ମସିହାରେ ଅଏଲ ଇଣ୍ଡିଆ କମ୍ପାନୀ ବିଭିନ୍ନ ସ୍ଥାନରେ ପ୍ରାକୃତିକ ଗ୍ୟାସ ଖନନ କାର୍ଯ୍ୟ




କରୁଥିବା ବେଳେ ଗୋପ ବ୍ଲକ ଅନ୍ତର୍ଗତ ଆମ୍ବିଳି ଗାଁରେ ମଧ୍ୟ ଖନନ କାର୍ଯ୍ୟ କରିଥିଲା। ଏହି ଖନନ ସହିତ ଆମ୍ବିଳି ଗାଁ ନିକଟରେ ମାଟି ତଳେ ବମ ବ୍ଲାଷ୍ଟ କରିବା ଯୋଗୁ ଗାଁରେ ଅଧିକାଂଶ କୋଠା ଘରେ ଫାଟ ସୃଷ୍ଟି ହେବା ସହ ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଏହି କ୍ଷତିର ଭରଣା କରିବ ବୋଲି କମ୍ପାନୀ କହିଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଆମ୍ବିଳି ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ w.p(c)୧୪୪୨୧/୨୧ ରେ ମକଦ୍ଦମା ରୁଜୁ କରାଯାଇଥିବା ବେଳେ କମ୍ପାନୀକୁ ପକ୍ଷଭୁକ୍ତ କରାଯାଇଥିଲା। ଏହି ମାମଲାକୁ ନେଇ ମଧ୍ୟ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୬/୨୧ ରେ ଏକ

**ପେଟ୍ରୋଲ ସନ୍ଧାନରେ ବ୍ଲାଷ୍ଟିଂରୁ ଘରେ ଫାଟ ହୋଇଥିଲା**
- ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା
- ତହସିଲ କାର୍ଯ୍ୟାଳୟ ଘେରିଲେ କ୍ଷତିଗ୍ରସ୍ତ ପରିବାର

ମକଦ୍ଦମା ଦାଏର କରାଯାଇଥିଲା। କୋର୍ଟର ଗୋଟିଏ ତଦନ୍ତ ଟିମ୍ ଆସି ତଦନ୍ତ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ୫ ମାସରୁ ଅଧିକ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳି ନାହିଁ। ଏହାକୁ ପ୍ରତିବାଦ କରି ଶତାଧିକ କ୍ଷତିଗ୍ରସ୍ତ ପରିବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ସୁଧାଂଶୁ



@ ପ୍ରୟାସ



@ ଗୌତମ



@ ପ୍ରିୟବ୍ରତ



@ ଅସିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ପୁରୀ ଶରଧାବାଲିଠାରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକମେଳାରେ ବୁଧବାର ସନ୍ଧ୍ୟାରେ ନବପ୍ରଭା ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



କଳ୍ପବଟ ଭଜନ ସନ୍ଧ୍ୟା ପକ୍ଷରୁ ବୁଧବାର ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ସଫଳତା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଶୁଭେଚ୍ଛା

## ଭାରତୀୟ ହକିର ସମୃଦ୍ଧିଶାଳୀ ଯାତ୍ରାରେ ଅନେକ କାଳଜୟୀ କାହାଣୀ ପୂରି ରହିଛି : ଅନୁରାଗ ଠାକୁର

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଦେଶରେ କ୍ରୀଡ଼ା ଓ ଖେଳର ପ୍ରୋତ୍ସାହନ ଲାଗି ଭାରତ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ କ୍ରୀଡ଼ାପ୍ରେମୀ ହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ଭାରତ ସରକାର ଜାତୀୟ ହକି ଦଳକୁ ସବୁ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି। କୋଭିଡ-୧୯ ମହାମାରୀ ଭଳି କଷ୍ଟକର ସମୟରେ ପ୍ରୋତ୍ସାହନ ଦିଆଯିବା ଫଳରେ ଭାରତୀୟ ହକି ଦଳ ଟୋକିଓ ଅଲିମ୍ପିକ୍ସରେ ସମ୍ମାନଜନକ ବ୍ରୋଞ୍ଜ ପଦକ ଜିତିଥିଲା। କଟକ ବାରବାଟୀ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ର ଉଦଘାଟନୀ ସମାରୋହକୁ ଉଦ୍‌ଘାଟନ କରି କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଉପରୋକ୍ତ ବକ୍ତବ୍ୟ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି ଯେ, ହକି ଖେଳରେ ଭାରତର ଏକ ସମୃଦ୍ଧ ଇତିହାସ ରହିଛି। ସ୍ୱାଧୀନତା ପୂର୍ବରୁ କିମ୍ବଦନ୍ତୀ ହକି ଖେଳାଳି ମେଜର ଧାନଚାନ୍ଦ ଏବଂ ସ୍ୱାଧୀନତା ପରେ ହକି କିମ୍ବଦନ୍ତୀ ବଲବୀର ସିଂ ସିନିୟରଙ୍କ ନେତୃତ୍ୱରେ ଭାରତୀୟ ଦଳ ତିନି ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭାରତରେ ଲଗାତର ଦୁଇ ଥର ପୁରୁଷ ହକି ବିଶ୍ୱକପ ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଏଫ୍‌ଆଇଏଚ୍ ସଭାପତି ତୟବ ଇକ୍ରାମଙ୍କୁ ଠାକୁର ଧନ୍ୟବାଦ ଜଣାଇଛନ୍ତି। ଦେଶକୁ ଏକ ସୁନ୍ଦର ହକି ଷ୍ଟାଡିୟମ ଭେଟି ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଠାକୁର ପୂର୍ବାହ୍ନରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଏବଂ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଏକାଡେମୀ ଫର୍ ବ୍ରଡକାଷ୍ଟିଂ ଆଣ୍ଡ ମଲ୍ଟିମିଡିଆ (ଏନ୍‌ଏବିଏମ୍) ପରିଦର୍ଶନ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହିତ ସେ ଏହି ଦୁଇ ସଂସ୍ଥାର କାର୍ଯ୍ୟଧାରା ସମୀକ୍ଷା କରିଥିଲେ। ଦୂରଦର୍ଶନର ଦର୍ଶକ ସଂଖ୍ୟା ବଢ଼ାଇବା ପାଇଁ କାର୍ଯ୍ୟକ୍ରମର ମାନରେ ସୁଧାର ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ଦୂରଦର୍ଶନର ବଜାର ଅଂଶଧନ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଉଭୟ ଦୂରଦର୍ଶନ ଏବଂ ଏନ୍‌ଏବିଏମ୍ ପରିସରରେ କେନ୍ଦ୍ରମନ୍ତ୍ରୀ ଚାରାରୋପଣ କରିଥିଲେ। ସନ୍ଧ୍ୟାରେ ସେ କଟକ ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଥିଲେ।



ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଫ୍‌ଆଇଏଚ୍ ସଭାପତି ତାୟାବ ଇକ୍ରାମ, ହକିଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ରଣବୀରଙ୍କ ଦମ୍‌ଦାର ଏଣ୍ଟ୍ରି

କଟକ ଅଫିସ,୧୧।୧

କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ବଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଓଡ଼ିଆ ଓ ହିନ୍ଦୀ ଗୀତ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ ଷ୍ଟାର ରଣବୀର ସିଂ ଓ ଦିଶା ପଟ୍ଟାନୀ । ରଣବୀରଙ୍କ ଦମ୍‌ଦାର ଏଣ୍ଟ୍ରି ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଲଗାଯାଇଥିବା ଜିପ୍‌ଲାଇନ୍ ଜରିଆରେ ରଣବୀର ମଞ୍ଚକୁ ପ୍ରବେଶ କରିଥିଲେ।

## ଉଦ୍‌ଘାଟନୀ ସମାରୋହ

ତାଙ୍କ ସହିତ ସାଇମାକ୍ ଡ୍ୟାନ୍ସ ଗ୍ରୁପ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ।

ଅପରାହ୍ନ ପ୍ରାୟ ୩ଟାରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ମଞ୍ଚରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଥମେ ଗୁରୁ ଅରୁଣା ମହାନ୍ତି ଓ ନମିତା ମେଲେକାଙ୍କ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ ମିରା ଦାସ ଓ ତାଙ୍କ ଟିମ୍ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସ୍ମିତି ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଘୁମାର ଗୀତ, ମେରା ମନ୍, ଘର ମେରେ ପରଦେଶିଆ ଆଦି ଗୀତରେ ଷ୍ଟାଡିୟମ୍ କମ୍ପିଥିଲା। ଏହାପରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ



ଉଦ୍‌ଘାଟନୀ ଉତ୍ସବକୁ ରଣବୀର ସିଂଙ୍କ ଏଣ୍ଟ୍ରି।

ପରିବେଷଣ କରିଥିଲେ। ଓଡ଼ିଆ ରାପର ବିଗ୍ ଡିଗଲଙ୍ଗ ରାପରେ ରାପ କରିଥିଲେ ଦର୍ଶକ। ସେହିପରି ଋତୁରାଜ ମହାନ୍ତି ବଲିଉଡ୍‌ର ସୁପରହିଟ୍ ଗୀତ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏଥିସହ ମଞ୍ଚକୁ ପ୍ରବେଶ କରିଥିଲେ ଓଡ଼ିଆ ସେଲିବ୍ରିଟି କପଲ ସବ୍ୟସାଚୀ ଓ ଅର୍ଚ୍ଚିତା। ଓଡ଼ିଆ ଚଳଚ୍ଚିତ୍ରର ଗୀତ ଫିଲ୍ ମାଇଁ ଲଭ୍‌ରୁ ଉଭୟ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେହିପରି ବ୍ଲାଲକସ୍ୱାନ ଗ୍ରୁପ୍‌ର ନୃତ୍ୟ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା। ତେବେ ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟାଇ ମଞ୍ଚକୁ ଓହ୍ଲାଇଥିଲେ ବଲିଉଡ୍ ଅଭିନେତ୍ରୀ ଦିଶା ପଟ୍ଟାନୀ। ସେ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ଆନମନା କରିଥିଲେ। ସେହିପରି ପ୍ରୀତମ୍, ନୀତି ମୋହନ, ବେନି ଦୟାଲ ଗ୍ରୁପ ପକ୍ଷରୁ ସଙ୍ଗୀତ ପରିବେଷଣ ହୋଇଥିଲା। ଏଥିସହ ଓଲିଉଡ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ନୃତ୍ୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା। କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦଙ୍କ ଗୀତରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



ନମିତା ମେଲେକା ଓ ପ୍ରୀତମ ଭଟ୍ଟାଚାର୍ଯ୍ୟ।

# ଉଦ୍‌ଘାଟନୀ ସାଇଡ୍ ଲାଇଟ୍ସ

### ଫ୍ଲାସ୍ ଲାଇଟ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମର ଦର୍ଶକ ଗ୍ୟାଲେରି ଭରି ଯାଇଥିଲା। ଲିସା ମିଶ୍ରଙ୍କ ପ୍ରୋଗ୍ରାମ ଚାଲିଥିବାବେଳେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ସମୟରେ ଦର୍ଶକମାନେ ନିଜ ମୋବାଇଲ ଫ୍ଲାସ୍ ଲାଇଟ୍ ଜଳାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

### ଆକର୍ଷଣ ସାଜିଥିଲା ମ୍ୟୁଜିକାଲ ବ୍ୟାଣ୍ଡ

ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବରେ ଦର୍ଶକଙ୍କ ହାତରେ ଧଳା ରଙ୍ଗର ବ୍ୟାଣ୍ଡ ଦେଖିବାକୁ ମିଳିଥିଲା। ଏହି ବ୍ୟାଣ୍ଡରେ ସ୍ୱତନ୍ତ୍ର ଲାଇଟ୍ ଲାଗିଥିଲା। ଯାହା ଷ୍ଟାଡିୟମରେ ବାଜୁଥିବା ଗୀତ ସହ ତାଳରେ ତାଳ ମିଶାଉଥିଲା। ନାଚଗୀତର ତାଳରେ ଦର୍ଶକ ଝୁମୁଥିଲେ। ଷ୍ଟାଡିୟମ ମଧ୍ୟରେ ବସିଥିବା ବହୁ ଦର୍ଶକଙ୍କ ହାତରେ ଏହି ବ୍ୟାଣ୍ଡ ଥିଲା। ଏହା ଷ୍ଟାଡିୟମରେ ମୁଖ୍ୟ ଆକର୍ଷଣ ସାଜିଥିଲା।

### ଡ୍ରୋନ୍ ଶୋ'ରେ ବିଜୁ ପଟ୍ଟନାୟକଙ୍କ ପ୍ରତିକୃତି

ବାରବାଟୀ ଷ୍ଟାଡିୟମରେ ଅନ୍ୟତମ ଆକର୍ଷଣ ସାଜିଥିଲା ଡ୍ରୋନ୍ ଶୋ'। ମଞ୍ଚ ଉପରେ ଉଡୁଥିଲା ଶତାଧିକ ଡ୍ରୋନ୍। ସେଥିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିକୃତୀ ଦେଖିବାକୁ ମିଳିଥିଲା। ସେହିପରି ହକି ବିଶ୍ୱକପ୍‌ଠାରୁ ଆରମ୍ଭ କରି ଜାତୀୟ ପତାକା ଭଳି ଛବିକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ।

### ଆତସବାଜିରେ କମ୍ପିଲା ଷ୍ଟାଡିୟମ

ଅପରାହ୍ନରୁ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା। ହେଲେ ଦର୍ଶକ ଅପେକ୍ଷା କରିଥିଲେ ସନ୍ଧ୍ୟା ସମୟକୁ । ସନ୍ଧ୍ୟା ହେବା ମାତ୍ରେ ରଙ୍ଗବେରଙ୍ଗର



ଆତସବାଜିରେ କମ୍ପିଥିଲା ଷ୍ଟାଡିୟମ। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରବେଶ କରିବା ପରେ ଆତସବାଜି ଆରମ୍ଭ ହୋଇଥିଲା। ସେହିପରି କାର୍ଯ୍ୟକ୍ରମ ଶେଷରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା।

### ମନୀଷ, ଗୋହରଙ୍କ ହୋଷ୍ଟିଂ

କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ହୋଷ୍ଟ କରିବାକୁ ବଲିଉଡ୍‌ରୁ ଆସିଥିଲେ ମନୀଷ ପଲ୍ ଓ



ରାପର ବିଗ୍ ଡିଲ୍।

ଗୋହର ଖାନ୍। ଉଭୟଙ୍କ ହୋଷ୍ଟିଂ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ତେବେ ମନୀଷ ଓଡ଼ିଆରେ ୨ ପଦ କହି ଓଡ଼ିଶାବାସୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ କହିଥିଲେ ଆମେ ଓଡ଼ିଆ, ଆମ ଆତିଥ୍ୟ ସବୁଠାରୁ ବଢ଼ିଆ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଦୌଡ଼ିଲେ ରଣବୀର

ବଲିଉଡ୍ ଅଭିନେତା ରଣବୀର ଜିପ୍‌ଲାଇନ ଜରିଆରେ ଷ୍ଟେଜ୍‌ରେ ପ୍ରବେଶ କରିଥିଲେ। ଷ୍ଟେଜ୍‌ର ଗୋଟିଏ ପାର୍ଶ୍ୱରୁ ଆଉ ଗୋଟିଏ ପାର୍ଶ୍ୱକୁ ଜିପ୍‌ଲାଇନ୍‌ରେ ଯିବା ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କୁ ଦେଖିବା ପାଇଁ ପଡିଆରେ ଦର୍ଶକ ଘେରି ରହିଥିଲେ। ଏହି ସମୟରେ ହଠାତ୍ ସେ ଦୌଡିବାକୁ ଲାଗିଥିଲେ। ତେବେ ସେ କେଉଁଆଡେ ଦୌଡିଲେ ବୋଲି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହେଲେ ସେ ଦୌଡିଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ।

### ଓଡ଼ିଶୀ, ଆଦିବାସୀ ନୃତ୍ୟରେ ଦର୍ଶକ ମୁଗ୍ଧ

ଓଡ଼ିଶାରେ ହକି ବିଶ୍ୱକପ୍‌କୁ ନେଇ ସବୁଠି ଉତ୍କଣ୍ଠା ଦେଖିବାକୁ ମିଳିଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶାର ପ୍ରାୟ ୨୫୦ କଳାକାର ନିଜର କଳା ପ୍ରଦର୍ଶନ କରିଛନ୍ତି। ସେମାନେ ଓଡ଼ିଶୀ, ଆଦିବାସୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। କଟକ କଳାବିକାଶ କେନ୍ଦ୍ର, ସୁରମନ୍ଦିର, ଗୁଞ୍ଜନ ଏକାଡେମୀ ଭଳି ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଏଥିରେ ନୃତ୍ୟ ପରିବେଷଣ କରିଥିଲେ।

### ଫ୍ୟାନ୍ ପାର୍କରେ ଉତ୍ସବ ଦେଖିଲେ କଟକିଆ

ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ କଟକ ସହରରେ ୧୬ଟି ସ୍ଥାନ ଚିହ୍ନଟ କରାଯାଇ ଫ୍ୟାନ୍ ପାର୍କ କରାଯାଇଥିଲା। ସେଠାରେ ଦର୍ଶକମାନେ ବସି ଉତ୍ସବକୁ ଉପଭୋଗ କରିଥିଲେ।

### ହେୟାର କଟିଂରେ ହକି ବିଶ୍ୱକପ୍

ବାରବାଟୀ ଷ୍ଟାଡିୟମ ବାହାରେ ଦର୍ଶକଙ୍କୁ ଆକର୍ଷିତ କରିଥିଲେ କଟକ ଯୋବ୍ରା ଅଞ୍ଚଳର ସତ୍ୟଜ୍ୟୋତି ବାରିକ। ସେ ହକି ବିଶ୍ୱକପ୍ ଆକୃତିର ସ୍ୱତନ୍ତ୍ର ହେୟାର କଟିଂ କରିଥିଲେ। ଏଥିସହ ଚୁଟିକୁ ରଙ୍ଗିନ କରିଥିଲେ। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ସତ୍ୟଜ୍ୟୋତି ରେଲ୍‌ୱେ ହାଇସ୍କୁଲରେ ୭ମ ଶ୍ରେଣୀରେ ପଢୁଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଓଡ଼ିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେଉଥିବାରୁ ବାପାଙ୍କ ଦ୍ୱାରା ଉତ୍ସାହିତ ହୋଇ ଏଭଳି ହେୟାର କଟିଂ କରିଛି।

### ତ୍ରିରଙ୍ଗା କ୍ରେଜ୍

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଦର୍ଶକ ଆସିଥିଲେ। ତେବେ କ୍ରିକେଟ ମ୍ୟାଚ୍ ଭଳି ଏହି ଉଦ୍‌ଘାଟନୀ ଉତ୍ସବରେ ତ୍ରିରଙ୍ଗା କ୍ରେଜ୍ ଦେଖିବାକୁ ମିଳିଥିଲା। କିଏ ହାତରେ ତ୍ରିରଙ୍ଗା ଧରି ଆସିଥିବାବେଳେ ଆଉ କିଏ ମୁହଁରେ ତ୍ରିରଙ୍ଗା ଆଙ୍କିଥିବା ଦେଖିବାକୁ ମିଳିଥିଲା। ସତ୍ୟରାମ ପାଲ ମଧ୍ୟପ୍ରଦେଶରୁ ଆସି ଏଠାରେ ଏହି ବ୍ୟବସାୟ କରୁଛନ୍ତି। ବାରବଟି ଷ୍ଟାଡିୟମରେ କିଛି ବି କାର୍ଯ୍ୟକ୍ରମ ହେଲେ ଏଠାକୁ ଆସେ ବୋଲି ସେ କହିଛନ୍ତି।

ରିପୋର୍ଟ: ସୁପ୍ରିୟା ପ୍ରିୟଦର୍ଶିନୀ



କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ।

## ପଲ୍ଲିସାହି ସେବା ସମବାୟ ସମିତିରୁ ଚୋରି ଘଟଣା: ୨ କୋର୍ଟ ଚାଲାଣ

ମାହାଙ୍ଗା,(ସ୍ୱ.ପ୍ର.):ମାହାଙ୍ଗା ଥାନା ଅନ୍ତର୍ଗତ ପଲ୍ଲିସାହି ସେବା ସମବାୟ ସମିତି କାର୍ଯ୍ୟାଳୟରୁ ଗତ ୫ ତାରିଖ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚେୟାର, ଲାଇଟ, ଚାର୍ଜର ଆଦି ଜିନିଷ ଚୋରି ହୋଇଥିଲା। ଏ ନେଇ ସମିତି ସମ୍ପାଦକ ବିନୟ କୁମାର ପଢ଼ିହାରୀ ଥାନାରେ ଅଭିଯୋଗ କରିଥିଲେ। ସିସିଟିଭି ଯାଞ୍ଚ ପରେ ପୋଲିସ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ରାଧେଶ୍ୟାମସୁନ୍ଦରପୁର ଗାଁର ଭାଗ୍ୟଧର ନାୟକ(୪୫) ଓ ପଲ୍ଲିସାହି ଗାଁର ବିଦ୍ୟାଭୂଷଣ ଦାସ(୨୩)ଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ଦୁର୍ବୃତ୍ତ ପେଟ୍ରୋଲ ଢାଳି ଦୋକାନ ଜାଳିଦେଲେ

ନିଶ୍ଚିନ୍ତକୋଇଲି,୧୧।୧(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା କଟରପଡା ପଞ୍ଚାୟତ ପିଠାପଡା ଗ୍ରାମରେ ଥିବା ମା' ଜାଗୁଲାଈଭେରାଇଟ ଷ୍ଟୋରରେ ପେଟ୍ରୋଲ ଢାଳି ମଙ୍ଗଳବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସହ ୪୦ହଜାର ନଗଦ ଟଙ୍କା ଭସ୍ମୀଭୂତ ହୋଇଯାଇଥିବା ଦୋକାନ ମାଲିକ ଅଭିଯୋଗ କରିଛନ୍ତି। ପିଠାପଡା ଗାଁର ଶ୍ରୀକାନ୍ତ ନାୟକ ସ୍ଥାନୀୟ ବଜାରରେ ଭେରାଇଷ୍ଟି ଷ୍ଟୋର ଖୋଲି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ରାତ୍ରରେ ନାୟକ ଦୋକାନ ବନ୍ଦ କରି ନିଜ ଘରକୁ ଯାଇଥିଲେ। ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ଦୋକାନଟି ଜଳିବା ସହ ସାମଗ୍ରୀଗୁଡିକ ଫୁଟୁଥିବା ଶବ୍ଦ ଶୁଣି ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଆସିଥିଲେ। ସ୍ଥାନୀୟ ଲୋକ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗକୁ ଖବର ଦେବାରୁ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ସମ୍ପର୍କରେ ଦୋକାନ ମାଲିକ ନାୟକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି। ତେବେ ପୂର୍ବ କିମ୍ୱା ବ୍ୟବସାୟୀ ଶତ୍ରୁତାକୁ କେନ୍ଦ୍ରକରି ଏହି ଅଗ୍ନିକାଣ୍ଡ ଘଟିଥିବା ସାଧାରଣରେ କୁହାଯାଉଛି।

### 'କ୍ରୀଡ଼ା ଦ୍ୱାରା ଶାରୀରିକ ବିକାଶ ଘଟିଥାଏ'

ଖୁଣ୍ଟୁଣୀ,୧୧।୧(ଡି.ଏନ୍.ଏ.): ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଖୁଣ୍ଟୁଣୀ ଗାନ୍ଧୀ ପଡିଆଠାରେ ଅନୁଷ୍ଠିତ କ୍ରୀଡା ଉତ୍ସବକୁ କଲେଜ ଅଧକ୍ଷ ରବିନାରାୟଣ ଦାସ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ସ୍ତରରେ ବିକାଶ ଘଟିଥାଏ ବୋଲି କହିଥିଲେ। ଯୁକ୍ତ ୨ କଲେଜର ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୁଧାକର ମାଳିଆ କ୍ରୀଡା ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଫୁଲନଖରା,୧୧।୧(ଡି.ଏନ୍.ଏ.): ପାହାଳ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଓମ୍‌ଫେଡ ପଡିଆରେ ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବିଭିନ୍ନ ସ୍କୁଲରୁ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କମିଶନରେଟ୍ ପୋଲିସର ଜୋନ୍-୪ ଏସିପି ଶୁଭ ନାରାୟଣ ମୁଦୁଲି ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ବିଶ୍ୱଜିତ୍ ଭୋଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାହାଳ ଥାନା ଆଇଆଇସି ସୁଚିତ୍ରା ପରିଡ଼ା, ୧୬ ନଂ. ଜୋନ୍‌ର ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ବିଜେଡିର ପଞ୍ଚାୟତ ସଭାପତି କୁନା ମହାନ୍ତି, ସିଆର୍‌ସିସି ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବାଲିଅନ୍ତା ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ଖଟୁଆ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଏକ ସଭା ଗୃହକୁ ଉଦ୍‌ଘାଟନ କରିଥିଲେ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,୧୧।୧(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତ ବେରେଣା ଗ୍ରାମ ନିକଟ ପର୍ଯ୍ୟଟନସ୍ଥଳି ଡମଣୀ ପୀଠରେ ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ବହୁସଂଖ୍ୟକ ଲୋକ ମା'ଙ୍କୁ ଦର୍ଶନ କରିଥାନ୍ତି। ପରେ ଏହା ନିକଟରେ ବଣଭୋଜି କରି ବିପୁଳ ପରିମାଣର ପ୍ଲାଷ୍ଟିକ୍ ବୋତଲ, ଜରି ତଥା ଅନ୍ୟ ସାମଗ୍ରୀ ପକାଇ ଯାଆନ୍ତି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଏଠାରେ ଏକ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଚାରବାଟିଆ କେଦାରେଶ୍ୱରସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠର ସଦସ୍ୟମାନେ ପୀଠ ଓ ପର୍ଯ୍ୟଟନସ୍ଥଳରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଜରି ଭଳି ଅନ୍ୟ ସାମଗ୍ରୀ ସଂଗ୍ରହ କରି ଜାଳି ଦେଇଥିଲେ। ଏଥିସହିତ ପୀଠକୁ ପ୍ଲାଷ୍ଟିକ ଓ ଆବର୍ଜନା ମୁକ୍ତ ରଖିବା ପାଇଁ ପର୍ଯ୍ୟଟକମାନଙ୍କୁ ସଚେତନ କରିଥିଲେ। ପ୍ରଜ୍ଞାପୀଠର ପରିବ୍ରାଜକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସଭାପତି ନିରଞ୍ଜନ ସାହୁ, ଜୟନ୍ତୀ ପାତ୍ର, ରବୀନ୍ଦ୍ର କୁମାର ରାଉତ ସାମିଲ ହୋଇଥିଲେ।

# ସହର ପରିକ୍ରମା କଲା ଟ୍ରଫି

କଟକ ଅଫିସ,୧୧।୧:

ହକି ବିଶ୍ୱକପ୍ ଟ୍ରଫି କଟକ ସହର ପରିକ୍ରମା ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ, ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିପାଇଁ ସାରା ସହର ଉତ୍ସବ ମୁଖରିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ରୋଡ୍ ମ୍ୟାପ୍ ଅନୁସାରେ ହକି ଟ୍ରଫିକୁ ସହର ମଧ୍ୟରେ ପରିକ୍ରମା କରାଇ ଲୋକଙ୍କ ମଧ୍ୟରେ ହକି ବିଶ୍ୱକପ୍ ପ୍ରତି ଏକ ସ୍ୱଦେଶୀ ଭାବନା ଉଦ୍ରେକ କରାଇବାର ପ୍ରୟାସ ସଫଳ ହୋଇଛି। ତଳ ବାଲିଯାତ୍ରା ପଡ଼ିଆସ୍ଥିତ କଟକ ଇନ୍ କଟକ ପରିସରରେ ଟ୍ରଫିକୁ ସ୍ୱାଗତ ପାଇଁ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସବୁ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଏଠାରେ ଦେଖିବାକୁ ମିଳିଥିଲା। ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ମହମ୍ମଦ

**ଉଚ୍ଛ୍ୱସିତ ସ୍ୱାଗତ**

ମୋକିମ, କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଭାଜପା ନେତା ଲଲାଟେନ୍ଦୁ ବସ୍ତୁ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ହକି ଟ୍ରଫିକୁ ସ୍ୱାଗତ କରିଥିଲେ।

ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ମଧୁବାବୁଙ୍କ ସମାଧି ନିକଟସ୍ଥ ଟିଂବନ୍ଧଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ମଞ୍ଚ ପକ୍ଷରୁ ପ୍ରଫେସର ନଟବର ଶତପଥୀ, ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ଅଧିବକ୍ତା ଜଗନ୍ନାଥ ମହାନ୍ତି ପ୍ରମୁଖ ଟ୍ରଫିକୁ ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱାଗତ ଜଣାଇଥିଲେ।

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ରାଣୀହାଟ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଟ୍ରଫିକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାଶଙ୍କ ଉପସ୍ଥିତିରେ ଘୋଷବାଦ୍ୟ ସହ ସ୍କାଉଟ, ଗାଇଡ୍ ଏବଂ ଏନ୍‌ସିସି ଛାତ୍ରୀଛାତ୍ରମାନେ ଟ୍ରଫିକୁ ସମ୍ବର୍ଦ୍ଧନା ଜଣାଇଥିଲେ।

ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ରବିରଞ୍ଜନ ସାହୁଙ୍କ ନେତୃତ୍ୱରେ ଛାତ୍ରୀ ଓ କର୍ମଚାରୀମାନେ ଟ୍ରଫିକୁ ସ୍ୱାଗତ କରିଥିଲେ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ସ୍ଥାନୀୟ କର୍ପୋରେଟର ଅଶୋକ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ରାସ୍ତା ପାର୍ଶ୍ୱରେ ବେଲୁନ ଧରି ଟ୍ରଫିକୁ ସ୍ୱାଗତ କରିବାର ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିଲା। କେବଳ ସେତିକି ନୁହେଁ, ଅନେକ ଛାତ୍ରୀଛାତ୍ର ସ୍ୱହସ୍ତରେ ଅଙ୍କିତ ସୁନ୍ଦର ଚିତ୍ରାଙ୍କନ ପ୍ରଦର୍ଶନ ମାଧ୍ୟମରେ ହକି ଟ୍ରଫି ପ୍ରତି ସେମାନଙ୍କର ଆବେଗକୁ ଦର୍ଶାଇଥିଲେ। ସେହିପରି ଟ୍ରଫି ପରିକ୍ରମାବେଳେ କେତେକ ସ୍ଥାନରେ ବିଦ୍ୟାର୍ଥୀମାନେ ଓଡ଼ିଶୀ ମୁଦ୍ରାରେ ଟ୍ରଫିକୁ ସ୍ୱାଗତ କରିବା ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା।

## ବାର୍ଷିକ କ୍ରୀଡ଼ା ପାଇଁ ଗଣଦୌଡ଼



ଗଣଦୌଡ଼ରେ ଭାଗ ନେଇଥିବା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରମାନେ।

ବାଙ୍କୀ,୧୧।୧(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉପଲକ୍ଷେ ଗଣଦୌଡ଼ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜଠାରୁ ରାମଚନ୍ଦ୍ରପୁର ଗ୍ରାମ ପର୍ଯ୍ୟନ୍ତ ଯିବା ଆସିବା ୮ କି.ମି. ଦୂରତାକୁ ଗଦୌଡରେ ଛାତ୍ରମାନେ ସାମିଲ୍ ହୋଇଥିଲେ। କୃତୀ ଛାତ୍ରମାନଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପତାକା ଦେଖାଇ ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ। ଆଗାମୀ ବାର୍ଷିକ କ୍ରୀଡା ଅବ୍ୟବହିତ ପୂର୍ବରୁ ଉକ୍ତ ଗଣଦୌଡ କାର୍ଯ୍ୟକ୍ରମକୁ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ବୃନ୍ଦାବନ ପ୍ରଧାନ, ଜିତେନ୍ଦ୍ର ଦେଓ ଓ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରି ଗଣଦୌଡରେ ଭାଗ ନେଇଥିବା ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ୩୧ ପ୍ରଜାତିର ୧୯,୧୦୯ ବିଦେଶୀ ପକ୍ଷୀ ଚିହ୍ନଟ



ବାଙ୍କୀ,୧୧।୧(ସ୍ୱ.ପ୍ର.)

ଡମପଡ଼ା, ଚନ୍ଦକା ବନ ବିଭାଗ ପକ୍ଷରୁ ବୁଧବାର ବାଙ୍କୀ-ଡମପଡ଼ା ରେଞ୍ଜର ଜାରିଆପାଟ, ପାଥପୁର, ଅରାଚଣ୍ଡୀ ପାଟ ଓ ମହାନଦୀ ଭଳି ୨୭ଟି ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟରେ ବନ ବିଭାଗ ପକ୍ଷରୁ ୧୨ଟି ୟୁନିଟ୍‌ରେ ଅଧିକାରୀ ଓ ବିଶେଷଜ୍ଞମାନେ ବିଭକ୍ତ ହୋଇ ପକ୍ଷୀ ଗଣନା ସମ୍ପନ୍ନ ହୋଇଥିବା ଚନ୍ଦକା ବନ

**ଡମପଡ଼ା-ଚନ୍ଦକା ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା**

ବିଭାଗର ଏସିଏଫ୍ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି। ବିଶେଷଜ୍ଞମାନେ ପକ୍ଷୀ ଗଣନା ସମୟରେ ୩୧ଟି ପ୍ରଜାତିର ୧୯,୧୦୯ ବିଦେଶୀ ପକ୍ଷୀ ଚିହ୍ନଟ କରାଯାଇଛି। ଚଳିତ ବର୍ଷ ୫ଟି ନୂଆ ପ୍ରଜାତିର ବିଦେଶୀ ପକ୍ଷୀ ଗଣନା ସମୟରେ ଚିହ୍ନଟ କରାଯାଇଥିବା ବିଶେଷଜ୍ଞମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଗଣନାରେ ଅବୈତନିକ ଜଙ୍ଗଲ ୱାର୍ଡେନ୍, ଜଙ୍ଗଲ କର୍ମଚାରୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଛାତ୍ର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, କୃଷି ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀମାନେ ଏହି ଗଣନା କାର୍ଯ୍ୟରେ ଭାଗ ନେଇଥିଲେ ବୋଲି ଡିଭିଜନାଲ୍ ଫରେଷ୍ଟ ଅଫିସର କହିଛନ୍ତି।

## ଆଠଗଡ଼ ବନାଞ୍ଚଳରେ ୨୧୦୫ ବିଦେଶୀ ପକ୍ଷୀଙ୍କ ସମାଗମ

ଆଠଗଡ, ୧୧।୧(ସ୍ୱ.ପ୍ର.)

କଟକ ଜିଲା ଆଠଗଡ ବନାଞ୍ଚଳ ଅନ୍ତର୍ଗତ ୧୦ଟି ଆର୍ଦ୍ରଭୂମିରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା ହୋଇଯାଇଛି। ଏହି ୧୦ଟି ଆର୍ଦ୍ରଭୂମିରେ ୪୪ ପ୍ରଜାତି ୨୧୦୫ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ସେଥି ମଧ୍ୟରୁ ଅଂଶୁପା ହ୍ରଦରେ ସର୍ବାଧିକ ୪୩ଟି ପ୍ରଜାତିର ୧୦୪୪ ପକ୍ଷୀଙ୍କର ସମାଗମ ହୋଇଛି। ତେବେ ବିଭିନ୍ନ କାରଣରୁ ଚଳିତବର୍ଷ ଏଠାରେ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। ସେହିପରି କନ୍ତପହଁରାପାଟରେ ୭ଟି ପ୍ରଜାତିର ୧୦୪ଟି, ମହାନଦୀ ଅବବାହିକାସ୍ଥିତ ଚମ୍ପାଦେଇ ଠାକୁରାଣୀ, ଅମଙ୍ଗେଇକୁଦ, ମୁଣ୍ଡଳୀ ବ୍ୟାରେଜଠାରେ ଯଥାକ୍ରମେ ୫ ପ୍ରଜାତିର ୩୭ଟି, ୬ଟି ପ୍ରଜାତିର ୩୫୦, ୨୩ଟି ପ୍ରଜାତିର ୧୯୫ଟି, ୭ଟି ପ୍ରଜାତିର ୧୩୭ ପକ୍ଷୀ ଥିବା ଜଣାପଡ଼ିଛି। ସେହିପରି ଟିଗିରିଆ ଅଞ୍ଚଳର ଚଷାଆଁରା ପାଟ, ଜରିପାଳ, ବନ୍ଧ, ଜମୁନାବନ୍ଧ, ଖୁଣ୍ଟୁଣୀ ରମ୍ଭେଇ ପାଟରେ ଯଥାକ୍ରମେ ୧୨୯, ୪, ୧୮ ଓ ୮୭ ପକ୍ଷୀ ଥିବା ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି। ଏହି ପକ୍ଷୀ ଗଣନା ମଙ୍ଗଳବାର ଦିନ ବନ ବିଭାଗ ପକ୍ଷ ରୁ ୫ଟି ଦଳ ପକ୍ଷରୁ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିଲା।

# ଭିଜିଲାନ୍ସ ତଦନ୍ତ ଦାବି

କଟକ ସଦର,୧୧।୧(ଡି.ଏନ୍.ଏ.)

୪୨ ମୌଜା ଥାନା ଅନ୍ତର୍ଗତ ଏରଞ୍ଚ ଗ୍ରାମର ଗରିବ ଲୋକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡରେ ଚଞ୍ଚକତା କରି ଟଙ୍କା ଉଠାଣ ଘଟଣାରେ ୫ ଜଣଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ହେଲେ ଏହି ଚଞ୍ଚକତା ଘଟଣାର ଚେର ରାଜ୍ୟର ବହୁ ଆଡ଼କୁ ଲମ୍ବିଛି। ତେଣୁ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ୪୨ ମୌଜା ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ପୋଲିସ ନିକଟରେ ଦାବି କରାଯାଇଛି। ପ୍ରଥମଥର ବିନା ଚିକିତ୍ସାରେ ଟଙ୍କା ଉଠାଣ ଘଟଣା ୪୨ ମୌଜା ଅଞ୍ଚଳରେ ଦେଖାଦେଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ପରିଷଦର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପତି କହିଛନ୍ତି। ଅନୁସନ୍ଧାନରୁ ଜଣାପଡିଛି, କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ ଡାକ୍ତରଖାନାକୁ ଆସୁଥିବା

**ଚଞ୍ଚକତା କରି ବିଏସ୍‌କେୱାଇ କାର୍ଡରୁ ଟଙ୍କା ଉଠାଣ ଘଟଣା**

ରୋଗୀମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଦେବା ଆଳରେ କିଛି ଦଲାଲ ସେମାନଙ୍କଠାରୁ ବିଏସ୍‌କେୱାଇ ସ୍ମାର୍ଟକାର୍ଡ, ଆଧାର କାର୍ଡ ଓ ରାଶନ କାର୍ଡ ସଂଗ୍ରହ କରୁଛନ୍ତି। ପାଖରେ ରଖିଥିବା ସ୍ୱାପ ମେଶିନ ଦ୍ୱାରା ସବୁ କିଛି କରିଥାନ୍ତି। ବିନା ଚିକିତ୍ସାରେ ଟଙ୍କା ନିର୍ଦ୍ଦିଷ୍ଟ ଘରୋଇ ଡାକ୍ତରଖାନା ଆକାଉଣ୍ଟକୁ ଚାଲି ଆସେ। କୁଳସରିଚୁଆଁ ସାହାବାଦ ସାହିର ଜଣେ ଅସୁସ୍ଥ ବ୍ୟକ୍ତି ଆଦୌ ଡାକ୍ତରଖାନାକୁ ନ ଯାଇ ଟଙ୍କା ଉଠିଥିବା ମେସେଜ ଆସିଛି ବୋଲି କହିଛନ୍ତି। ରାଜ୍ୟର ଅନେକ ଜିଲାରେ ଏଭଳି ଚଞ୍ଚକତା କରାଯାଇ ଟଙ୍କା ଉଠା ଯାଉଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଟକ ଡିସିପି ପିନାକ ମିଶ୍ରଙ୍କୁ ପଚାରିବାରୁ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ଆଦାୟ ପାଇଁ ଚିନ୍ତା କରାଯାଉଛି ବୋଲି କହିଛନ୍ତି।

# 'ସମାଜ ପାଇଁ ଇଲେକ୍ଟ୍ରୋ ହୋମିଓପାଥି ଆବଶ୍ୟକ'

କଟକ ଅଫିସ,୧୧।୧:

ଇଲେକ୍ଟ୍ରୋହୋମିଓପାଥିର ଜନକ କାଉଣ୍ଟି ସିଜର୍ ମାଟ୍ଟିଙ୍କ ଜୟନ୍ତୀ ଉତ୍ସବ କଟକ ଗାନ୍ଧୀ ଭବନଠାରେ ବୁଧବାର ପାଳିତ ହୋଇଯାଇଛି। କଟକ ଜିଲା ଇଲେକ୍ଟ୍ରୋହୋମିଓପାଥିକ ସଂଘ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡା. ଅଶୋକ କୁମାର ଡୋରା ଯୋଗଦେଇ ମାନବ ସମାଜ ପାଇଁ ଇଲେକ୍ଟ୍ରୋହୋମିଓପାଥିର ବହୁ ଆବଶ୍ୟକ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡା ପି.କେ. ସାବତ ଯୋଗଦେଇ ଇଲେକ୍ଟ୍ରୋହୋମିଓପାଥିର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସଂଘ ସଭାପତି ଅବନ୍ତି



ଉତ୍ସବରେ ଅତିଥି ଓ ଅନ୍ୟମାନେ।

ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ରଞ୍ଜିତ୍ ଆଚାର୍ଯ୍ୟ ବକ୍ତବ୍ୟରେ ଡା. ମାଟ୍ଟିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଡା. ଶିବ ପ୍ରସାଦ ନାୟକ, ସନ୍ତୋଷ ସ୍ୱାଇଁ, ଯଶୋବନ୍ତ ନାୟକ, ନିଶିକାନ୍ତ ନାୟକ, ପ୍ରଦୀପ ଘଡ଼େଇ, ଡା. ଦୁଷ୍ମନ୍ତ ନାୟକ ପ୍ରମୁଖ ଡାକ୍ତରମାନେ ଯୋଗ ଦେଇଥିଲେ। ଡା. ମୁକେଶ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଡା. ମାନସ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ବ୍ଲକ କାର୍ଯ୍ୟାଳୟ ପରିସରରୁ ଗଛକଟା

କଟକ ସଦର,୧୧।୧(ଡି.ଏନ୍.ଏ.):

କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରୁ କଞ୍ଚା ଗଛକଟା ଯାଇଥିବା ବୁଧବାର ସକାଳେ ଦେଖିବାକୁ ମିଳିଥିଲା। ଏହି ଗଛ କାଟିବା ପାଇଁ ଜଙ୍ଗଲ ବିଭାଗର ଅନୁମତି ନିଆ ଯାଇ ନ ଥିବା କଟକ ଜଙ୍ଗଲ ଡିଭିଜନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କାହା ଇଙ୍ଗିତରେ ପୁରୁଣା ମୂଲ୍ୟବାନ ଗଛ କଟାଗଲା ତାହା ସ୍ପଷ୍ଟ ହୋଇପାରିନାହିଁ। ସହରାଞ୍ଚଳରେ ଗଛ ସଂଖ୍ୟା ହ୍ରାସ ପାଉଥିବାବେଳେ ଏହି ଗଛ କାଟିବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ବାଙ୍କୀର ଭୂମିକା ଅନନ୍ୟ




ବାଙ୍କୀ,୧୧।୧ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆଲୋଚନାଚକ୍ର ଓ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପକ ଅନୀଲ କୁମାର ପ୍ରଧାନ ଏବଂ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ସଭାରେ ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ବାଙ୍କୀର ବହୁ କବି ଓ ଭାଷାବିତ୍‌ଙ୍କର ଅବଦାନ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଡ. ସତ୍ୟଜିତ ଦାସ, ଡ. ସସ୍ମିତା ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାଙ୍କୀ,୧୧।୧ (ସ୍ୱ:ପ୍ର):

ବାଙ୍କୀ ବ୍ଲକ ଅଂଶୁପା କନିଷ୍ଠ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ଛାତ୍ରମାନଙ୍କ ମଧ୍ୟରେ ଆକାଶ କୁମାର ନାୟକ ଶ୍ରେଷ୍ଠ ବିଜେତା ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଲିଜା ସେଠ ଶ୍ରେଷ୍ଠ ବିଜେତା ହୋଇଥିଲେ। ୧୦୦ମିଟର ଦୌଡ଼ରେ ଲିନା ସାହୁ ଓ ମହମ୍ମଦ୍ ସିରାଜ, ୨୦୦ମିଟର ଦୌଡ଼ରେ ମାମା ବେହେରା ଓ ସୂର୍ଯ୍ୟକାନ୍ତ ସାମଲ, ଲଙ୍ଗଜମ୍ପ୍‌ରେ ଶୁଭଲକ୍ଷ୍ମୀ ସାହୁ ଓ ଆକାଶ କୁମାର ନାୟକ, ସଟ୍‌ପୁଟରେ ଅନ୍ନପୂର୍ଣ୍ଣା ନାୟକ, ଜୟପ୍ରକାଶ ସାହୁ, ଡିସ୍କସ୍ ଥ୍ରୋରେ ଲିଜା ସେଠ ଓ ଆକାଶ କୁମାର ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ର ଓ ଅତିଥିମାନେ।

# ଧବଳେଶ୍ୱରଙ୍କ ପୀଠକୁ ଯିବା ପ୍ରତିବନ୍ଧକ ହଟିଲା

**ଅସ୍ଥାୟୀ ବାଲିରାସ୍ତା ଉଦ୍‌ଘାଟିତ**

ଖୁଣ୍ଟୁଣୀ,୧୧।୧(ଡି.ଏନ୍.ଏ.)

କଟକ ଜିଲା ଧବଳେଶ୍ୱରଙ୍କ ପୀଠକୁ ଯିବାକୁ ଏଣିକି ସମସ୍ତ ପ୍ରତିବନ୍ଧକ ହଟିଛି। ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ମଞ୍ଚେଶ୍ୱରର ପାଇକେରାପୁର ମହାନଦୀ ତୁଠରୁ ଧବଳେଶ୍ୱର ପର୍ଯ୍ୟଟନ କମ୍ୟୁନିଟି କେନ୍ଦ୍ର ଯାଏ ଦୀର୍ଘ ୨ କିମିରୁ ଉର୍ଦ୍ଧ୍ୱ ବାଲିରେ ନିର୍ମିତ ରାସ୍ତାକୁ ବୁଧବାର କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ ମନ୍ତ୍ର ଉଚ୍ଚାରଣ କରିଥିଲେ। ବାଲି ଉପରେ ମୋରମ ବିଛାଯାଇଥିବା ଏକ ୪ ମାସିଆ ଅସ୍ଥାୟୀ ରାସ୍ତାରେ ଶ୍ରଦ୍ଧାଳୁମାନେ ଚାଲି ଚାଲି ଯାଇ ବାବାଙ୍କୁ ଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ





ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଧବଳେଶ୍ୱର ପୀଠକୁ ଯିବା ଲାଗି ବାଲି ରାସ୍ତାକୁ ଉଦ୍‌ଘାଟନ କରୁଛନ୍ତି। ବାଲିରାସ୍ତାରେ ପର୍ଯ୍ୟଟକମାନେ ଯାଉଛନ୍ତି।

ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ମଞ୍ଚେଶ୍ୱର ସରପଞ୍ଚ ପ୍ରିୟବ୍ରତ ସାହୁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଉଦ୍‌ଘାଟନ ସ୍ଥଳରେ ଏକ ସଭାରେ ମନ୍ତ୍ରୀ ସ୍ୱାଇଁ ଦର୍ଶନାର୍ଥୀଙ୍କ ସୁବିଧା ନିମନ୍ତେ ଏହି ଭଳି ନିର୍ମିତ ରାସ୍ତାର ଆବଶ୍ୟକ ଥିଲା ବୋଲି କହିଥିଲେ। ଏଥିରେ ଉପଜିଲାପାଳ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନ ପୂର୍ବରୁ ଏହି ରାସ୍ତାରେ ଶ୍ରଦ୍ଧାଳୁଙ୍କ ସମେତ ଆଖପାଖରୁ ବହୁ ଲୋକ ସକାଳୁ ମଧ୍ୟାହ୍ନ ୧୨ଟା ଯାଏ ବାଇକ୍ ଓ ଚାଲି କରି ଯାଉଥିବା ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ପୂଜକ ସମାଜର ପୂର୍ବ ଦାବି ମୁତାବକ ୧୧୭ ପୂଜକ ପରିବାରଙ୍କୁ ମନ୍ତ୍ରୀ ସ୍ୱାଇଁ ପ୍ରତ୍ୟେକଙ୍କୁ ୧୬ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ତେବେ ଅସ୍ଥାୟୀ ହେଉ ଅବା ବର୍ଷାରେ ରାସ୍ତା ଧୋଇଯାଉ ପଛେ ଆମେ ଧବଳେଶ୍ୱରଙ୍କ ପୀଠକୁ ହଜାର ହଜାର ବର୍ଷ ପରେ ପ୍ରଥମ କରି ବାଇକ୍ ଓ ଅଟୋରେ ଆସିବାର ସୁଯୋଗ ପାଇଥିବାରୁ ଅତ୍ୟନ୍ତ ଖୁସି ବୋଲି ଜଣେ ଭକ୍ତ କହିଥିଲେ। ଅପରପକ୍ଷେ ଧବଳେଶ୍ୱର ପୀଠକୁ ଝୁଲାପୋଲ, ଭୋଗମଣ୍ଡପ ନିଲାମ, ସାଇକେଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ନିଲାମ ଆଦି ଅନେକ ବାଟରେ ଅର୍ଥ ଆଦାୟ ହେଉଥିବା ବେଳେ ପୂଜକ ପରିବାରଙ୍କ ଅନେକ ଦାବି ମୁତାବକ ପ୍ରାପ୍ୟ ମିଳି ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ଜାନୁୟାରୀ, ୨୦୨୩



### ଅଠରାଙ୍ଗରେ ଭାଗବତ ସଭା

ବେଗୁନିଆ,(ଡି.ଏନ୍.ଏ) ବେଗୁନିଆ ବ୍ଲକ ଅଠରାଙ୍ଗର ରାଧାମୋହନ ଦେବଙ୍କ ପୀଠରେ ଭାଗବତ ସଭା ଅନୁଷ୍ଠିତ ହୋଇଛି। ସତଶିକ୍ଷା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସଭାରେ ଚକ୍ରଧର ତ୍ରିପାଠୀ, ଭଜକୃଷ୍ଣ ମହାନ୍ତି ଓ ପ୍ରଫୁଲ୍ଲ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଗବତର ଗୁରୁତ୍ୱ ବିଷୟରେ କହିଥିଲେ। ପରେ ଭାଗବତ ଛାନ୍ଦର 'ଅନ୍ତରିକ୍ଷ ଉପାଖ୍ୟାନ' ବିଷୟରେ ଆଲୋଚନା କରିଥିଲେ। ଗୌରହରି ପଣ୍ଡା, ଧନେଶ୍ୱର ପଣ୍ଡା ଭାଗବତ ପଠନ କରିଥିଲେ। ପଣ୍ଡିତ ଅଖିଳେଶ ପଣ୍ଡା, କୈଳାସ ନାଥ ପଣ୍ଡା, ତପନ ପଣ୍ଡା ବୁଝାଇଥିଲେ। ପ୍ରବଚକ ଦାଶରଥି ସାମନ୍ତରାୟ ଯୋଗଦେଇ ଶ୍ରୀକୃଷ୍ଣଙ୍କ ସାର କଥା କହିଥିଲେ। ବନବିହାରୀ ମହାପାତ୍ରଙ୍କ ସଂଯୋଜନାରେ ସଭ୍ୟ ହରେକୃଷ୍ଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନାରାୟଣ ଦାଶ, ନିରଞ୍ଜନ ପଣ୍ଡା, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ୫୬ ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ଅବକାରୀ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୫୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେ ହେଲେ ଜଟଣୀ ଥାନା ଖୁଦୁପୁର ଗ୍ରାମର ଲୋକନାଥ ପ୍ରଧାନ(୨୭)। ଜବତ ବ୍ରାଉନସୁଗାରର ମୂଲ୍ୟ ୫ଲକ୍ଷ ୬୦ ହଜାର ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଲୋକନାଥଙ୍କୁ ଜେଲ ହାଜତକୁ ପଠାଯାଇଛି। ଏ ନେଇ ଅବକାରୀ ଥାନାରେ ର ଏକ ମାମଲା (ନ.୧୨୬/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଲୋକନାଥ କିଛିଦିନ ହେଲା ବ୍ରାଉନସୁଗାର କାରବାର କରୁଥିଲେ। ବୁଧବାର ବରୁଣେଇ ରାସ୍ତାରେ ବ୍ରାଉନସୁଗାର ବିକ୍ରି ଲାଗି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଜିଲା ମୋବାଇଲ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଚଢାଉରେ ଏସ୍ଆଇ ବି. ମନୋଜ କୁମାର, ରଞ୍ଜନ ଦାସ ଓ ରାଜେନ୍ଦ୍ର ଏକ୍କାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### ୧୫ କିଲୋ ଗଞ୍ଜେଇ ଜବତ, ୩ ଗିରଫ

**ଗମ୍ଭାରିମୁଣ୍ଡା,୧୧।୧(ଡି.ଏନ୍.ଏ.):** ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଆର୍‌ପିଏଫ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ବୁଧବାର ଖୋର୍ଦ୍ଧା ଜିଆର୍‌ପିକୁ ହସ୍ତାନ୍ତର କରିଛି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଜଗନ୍ନାଥ ସ୍ୱାଇଁ, ଶିବାନନ୍ଦ ପଣ୍ଡା ଓ ଖଲ୍ଲିକୋଟ ଥାନା ଅଞ୍ଚଳର ବଳରାମ ବାରିକ। ଏ ନେଇ ଖୋର୍ଦ୍ଧା ରୋଡ ଜିଆର୍‌ପି କେସ୍ ନମ୍ବର ୧/୨୩ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ଣରେ ବାଲୁଗାଁ ଆର୍‌ପିଏଫ୍ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ବାଲୁଗାଁ ରେଲୱେ ଷ୍ଟେଶନ ପରିସରରେ ଚଢ଼ାଉ ଚାଲିଥିଲା। ଏହି ସମୟରେ ୧ ନମ୍ବର ପ୍ଲାଟଫର୍ମର ଶେଷ ଭାଗରେ ୩ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବସିଥିବାର ଦେଖିବାକୁ ପାଇଥିଲେ। ଯୁବକମାନଙ୍କ ବ୍ୟାଗ ତଲାସି ନିଆଯିବାରୁ ସେଥିରୁ ୧୫ କେଜି ୧୪୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ୫୧ ହଜାର ୪୦୦ ଟଙ୍କା ହେବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଆର୍‌ପିଏଫ୍ ୩ ଜଣ ଯୁବକଙ୍କୁ ଗିରଫ କରିଥିଲା।

### ପଦଯାତ୍ରାରେ ଲୋକଙ୍କ ଅଭିଯୋଗ ଶୁଣିଲେ ଏମ୍‌ପି

**ଟାଙ୍ଗୀ ( ଖୋର୍ଦ୍ଧା),୧୧।୧(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପଦଯାତ୍ରା ସମୟରେ ସ୍ଥାନୀୟ ଜନସାଧାରଣଠାରୁ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରି ଏହାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଏହି ଅବସରରେ କୁହୁଡି ମଣ୍ଡଳର ଏକ ସାଂଗଠନିକ ବୈଠକରେ ଏମ୍‌ପି ଷଡ଼ଙ୍ଗୀ ଯୋଗଦେଇଥିଲେ। ପରେ ରାମଚନ୍ଦ୍ରପୁର ପଞ୍ଚାୟତର ନାରଖାରି ପ୍ରଧାନଙ୍କ ଘରେ କୌଣସି କାରଣରୁ କିଛିଦିନ ହେବ ବିଦ୍ୟୁତ୍ ସଂଯୋଗ ନ ଥିଲା। ଏ ନେଇ ଏମ୍‌ପି ଷଡ଼ଙ୍ଗୀଙ୍କ ନିକଟରେ ଅଭିଯୋଗ କରିବାରୁ ତୁରନ୍ତ ପଦକ୍ଷେପ ନେଇ ଅଧିକାରୀଙ୍କୁ କହି ବିଦ୍ୟୁତ୍ ସଂଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବେହେରା, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଦୀନବନ୍ଧୁ ସାହୁ, ମିତ୍ରଭାନୁ ସୁବୁଦ୍ଧି, ଭଗବାନ ସେଠ, ଟାଙ୍ଗୀ ମଣ୍ଡଳ ପ୍ରଭାରୀ ମଞ୍ଜୁଲତା ଇନ୍ଦ୍ରଜିତ, ଟୁକୁନା ସିଂ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ବେହେରା ଯୋଗଦେଇଥିଲେ। ଜୟଦେବ ବେହେରା, ପ୍ରଶାନ୍ତ ବେହେରା, ସତ୍ୟନାରାୟଣ ପରିଡ଼ା ସହଯୋଗ କରିଥିଲେ।

# ଉତ୍ସବର ସିଧା ପ୍ରସାରଣ ଦେଖି ଉତ୍ସାହିତ



ବାଲୁଗାଁ ଅଞ୍ଚଳରେ ହକି ବିଶ୍ୱ କପ୍‌କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଉଛି।



ଜଟଣୀ ଅଞ୍ଚଳରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପରିବେଷଣ।

**ବାଲୁଗାଁ,୧୧।୧ (ଡି.ଏନ୍.ଏ.)**

## ପୁରୁଷ ହକି ବିଶ୍ୱକପ ଉଦ୍‌ଘାଟନ

ଓଡ଼ିଶାରେ ଆୟୋଜିତ ପୁରୁଷ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ବାରବାଟୀ ଷ୍ଟାଡ଼ିୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବର ମଜା ରାଜ୍ୟବାସୀ ନେବା ପାଇଁ ସରକାର ପକ୍ଷରୁ ପ୍ରତି ଜିଲାରେ ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ସମେତ ବାଲୁଗାଁ ଏବଂ ବାଣପୁର ଏନ୍‌ଏସି ଓ ଚିଲିକା ବ୍ଲକ୍ କାର୍ଯ୍ୟାଳୟରେ ହକି ବିଶ୍ୱକପ୍‌କୁ ସ୍ୱାଗତ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଉତ୍ସବକୁ ନେଇ ସବୁଠି ଉତ୍ସାହ ଭରିଯାଇଥିଲା। ସକାଳେ ବାଲୁଗାଁ ଏନ୍‌ଏସି ନଗରପାଳିକା ସୁକାନ୍ତି ପାଇକରାୟ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ ଉତ୍ତରାୟଣୀ ମନ୍ଦିରରୁ ଏକ ମାରାଥନ ଦୌଡ଼ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଏନସିସି କ୍ୟାଡେଟ୍, କରାଟେ ସ୍କୁଲ, ବିଭିନ୍ନ ମହିଳା ମହାସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଅଞ୍ଚଳର ଲୋକ ଆସି ସ୍ୱାଗତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଏହାପରେ ଅପରାହ୍ଣରେ ଏନ୍‌ଏସି କାର୍ଯ୍ୟାଳୟ ପରିସର ଏବଂ ଅଡିଟୋରିୟମ ହଲରେ ହକିବିଶ୍ୱ କପ୍ ଉଦ୍‌ଘାଟନ ଉତ୍ସବ ଏଲ୍ଇଡି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା।

**ଗମ୍ଭାରିମୁଣ୍ଡା:** ଚିଲିକା ବ୍ଲକ ଏବଂ ବାଣପୁର ଏନ୍‌ଏସିସ୍ଥିତ ପଲଟନ ପଡ଼ିଆରେ ବିଶ୍ୱକପକୁ ସ୍ୱାଗତ କରାଯାଇଛି। ସକାଳେ ଏକ ମିନି ମାରାଥନ ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଓ ବିଡିଓ ବୁଲବୁଲ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ମାରାଥନରେ ବାଣପୁରସ୍ଥିତ ବିଶରପାଟଣା ସେଲଫି ପଏଣ୍ଟରୁ ମା' ଭଗବତୀ ମନ୍ଦିର ଦେଇ ପଲଟନ ପଡ଼ିଆରେ ପହଞ୍ଚିଥିଲା। ଅପରାହ୍ଣରେ ପଲଟନ ପଡ଼ିଆରେ ଏଲଇଡ଼ି ସ୍କ୍ରିନ୍‌ରେ ଉଦ୍‌ଘାଟନ ଉତ୍ସବ ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଉପସ୍ଥିତ ରହି କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ଦେଇଥିଲେ। ଉତ୍ସବ ଦେଖିବାକୁ ବିପୁଳ ସଂଖ୍ୟାରେ ଜନ ସମାଗମ ହୋଇଥିଲା।

**କୃଷ୍ଣପ୍ରସାଦ/ନିରାକାରପୁର :** କୃଷ୍ଣପ୍ରସାଦ ପଞ୍ଚାୟତ ତରଫରୁ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ପୀଠ ପରିସରରେ ପରଦା ମାଧ୍ୟମରେ ଉତ୍ସବ ଦେଖିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ଇତିଶ୍ରୀ ସିଂହ ଉଦଘାଟନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ଜେନା, ପାଞ୍ଚମୌଜା ପରିଚାଳନା କମିଟି ସମ୍ପାଦକ ସୁରଥ ବେହେରା, ନେତା ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବଡ଼ଖାଡ଼ ପଞ୍ଚାୟତର କମଳେଶ୍ୱର ବିଦ୍ୟାପୀଠରେ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ସୁମିତ୍ରା ପାହାଣ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଉମାକାନ୍ତ ସେଠୀ, ପ୍ରଧାନ ଶିକ୍ଷକ କାଶୀନାଥ ଜେନାଙ୍କ ସମେତ ଏସ୍ଏଚ୍‌ଜି ମହିଳାମାନେ ଅଂଶଗ୍ରହଣ କରିଥିଲେ। ସେହିପରି ନିରାକାରପୁରସ୍ଥିତ ଡିଆ ପଞ୍ଚାୟତର ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ଆବାହକତ୍ୱରେ ଏଲଇଡି ଟିଭି ମାଧ୍ୟମରେ ଉତ୍ସବ ବହୁ ସଂଖ୍ୟାରେ ଲୋକ ଆସି ଦେଖିଥିଲେ।

## ଏକାଠି ବସି ବିଶ୍ୱକପ୍ ହକି ଉତ୍ସବର ମଜା ନେଲେ

**ଖୋର୍ଦ୍ଧା ଅଫିସ,୧୧।୧**

- ସବୁଠି ଖୁସିର ମାହୋଲ
- ବାଣ ଫୁଟାଇ ଶୁଭେଚ୍ଛା ଜଣାଇଲେ

ପୁରୁଷ ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବ ଅବସରରେ ଖୋର୍ଦ୍ଧା ଜିଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ସିଧା ପ୍ରସାରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ ପଞ୍ଚାୟତରେ ଏଥିଲାଗି ବ୍ୟବସ୍ଥା କରାଯାଇଛି। ପଞ୍ଚାୟତବାସୀ, ଯୁବଗୋଷ୍ଠୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ, ଛାତ୍ରୀଛାତ୍ର ସମସ୍ତେ ଏକାଠି ବସି କଟକ ବାଟବାଟୀ ଷ୍ଟାଡିୟମ୍‌ରେ ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ। ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନେକ ପଞ୍ଚାୟତ କାର୍ଯ୍ୟାଳୟକୁ ରଙ୍ଗିନ ଆଲୋକମାଳା, ବେଲୁନ ଦ୍ୱାରା ସୁସଜ୍ଜିତ କରାଯାଇଛି। ଜିଲା ସଦର ମହକୁମାସ୍ଥିତ ବିଜେବି ହାଇସ୍କୁଲ ପଡ଼ିଆରେ ସିଧା ପ୍ରସାରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପଡ଼ିଆରେ ମାସ୍କଟ ଓଲିର ସେଲ୍ଫି ପଏଣ୍ଟ ସହ ହକି ଷ୍ଟିକ ଓ ବଲ୍ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଯୁବତୀ ଯୁବତୀ, ସ୍ୱେଚ୍ଛାସେବୀମାନେ ଓଲି ନିକଟରେ ସେଲ୍ଫି ନେବା ସହ ହକି ଷ୍ଟିକରେ ବଲ୍‌କୁ ଛୁଇଁ ହକି ବିଶ୍ୱକପ୍‌ରେ ଭାଗନେଇଥିବା ଭାରତୀୟ ଓ ସମସ୍ତ ବିଦେଶ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ରଙ୍ଗିନ ଆତସବାଜିରେ ହକି ବିଶ୍ୱକପ୍‌କୁ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଓଡ଼ିଶା ପ୍ରଗତି ପଥରେ ଆଗେଇଯିବ ବୋଲି ମତ ପ୍ରକାଶ ପାଇଥିଲା।


ଖୋର୍ଦ୍ଧା ଅଞ୍ଚଳରେ ଅଧିକାରୀମାନେ ହକି ଖେଳକୁ ସ୍ୱାଗତ ଜଣାଉଛନ୍ତି।

# ଚିଲିକା ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ଗଠନ


ବାଲୁଗାଁ ଉମାମହେଶ୍ୱର ମନ୍ଦିର ପରିସରରେ ବୁଧବାର ବିଭିନ୍ନ ବ୍ଲକ୍‌ର ନିର୍ମାଣ ଶ୍ରମିକ ସଂଘକୁ ନେଇ ଆୟୋଜିତ ସମନ୍ୱୟ ବୈଠକର ସଦସ୍ୟ।

**ଗମ୍ଭାରୀମୁଣ୍ଡା,୧୧।୧(ଡି.ଏନ୍.ଏ.)**

ବାଲୁଗାଁ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଶ୍ରମିକମାନେ ନୂତନ ଶ୍ରମିକ କାର୍ଡ ହେଉ ଅବା କାର୍ଡ ନବୀକରଣ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନଗୁଡ଼ିକ ଏସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରୁଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ସଙ୍ଗଠନ ଭୁବନେଶ୍ୱରରେ ଥିବାରୁ ଅଞ୍ଚଳବାସୀ ପ୍ରତିଟି କ୍ଷେତ୍ରରେ ଆର୍ଥିକ ଶୋଷଣର ଶିକାର ହେବା ସହ କାର୍ଯ୍ୟ ସୁଚାରୁରୂପେ ହେଇପାରୁ ନାହିଁ। ଯାହାକି ଜନ୍ମ ସହାୟତା, ବିବାହ ପ୍ରୋତ୍ସାହନ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ମୃତ୍ୟୁକାଳୀନ ସହାୟତା, ଶିକ୍ଷା ସହାୟତା ଆଦି ଯୋଜନାରେ ଆର୍ଥିକ ସହାୟତା ରାଜ୍ୟ ସରକାର ଲାଗୁ କରିଥିଲେ ସୁଦ୍ଧା ଏସବୁ ବାଲୁଗାଁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗରିବ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ଉମାମହେଶ୍ୱର ମନ୍ଦିର ପରିସରରେ ଚିଲିକା ବ୍ଲକ, ବାଣପୁର ବ୍ଲକ, ଟାଙ୍ଗୀ ବ୍ଲକ, ବାଲୁଗାଁ ଏନ୍‌ଏସି, ବାଣପୁର ଏନ୍‌ଏସିର ନିର୍ମାଣ ଶ୍ରମିକମାନଙ୍କର ସହାୟତା ତଥା ସମସ୍ୟାର ସମାଧାନ ନିମିତ୍ତ ବିଭିନ୍ନ ଟ୍ରେଡ ସଙ୍ଗଠନଙ୍କ ମିଳିତ ଉଦ୍ୟମରେ ଚିଲିକା ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ଗଠନ କରାଯାଇଛି। ପ୍ରତିଟି କ୍ଷେତ୍ରରେ ଗଠିତ ସମନ୍ୱୟ କମିଟି ନିର୍ଦ୍ଦେଶକ୍ରମେ ସାମୂହିକ ଭାବେ ପ୍ରଚେଷ୍ଟା ଜାରି ରହିବ ବୋଲି ସଭାପତି ଶିଶିର କୁମାର ମିଶ୍ର କହିଛନ୍ତି। ଉକ୍ତ କମିଟିରେ ବିଭିନ୍ନ ଟ୍ରେଡ୍ ସଙ୍ଗଠନର ସୀମାଞ୍ଚଳ ବାରିକ, ପଞ୍ଚାନନ ମହାରଣା, ଶରତ ଚନ୍ଦ୍ର ବରାଳ, ରାଜକିଶୋର ପଣ୍ଡା ଓ ମଙ୍ଗରାଜ ମହାପାତ୍ର ପ୍ରମୁଖ ନେତୃତ୍ୱ ନେବା ପାଇଁ ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଜଟଣୀ,୧୧।୧ (ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ କନ୍ତିଆ ଗ୍ରାମସ୍ଥ ଶ୍ରୀସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅଧ୍ୟାପିକା କଲ୍ୟାଣୀ ପଟ୍ଟନାୟକ, ସ୍ନେହଲତା ସେନାପତି, ସୁଶାନ୍ତ ରାଉତ ଏବଂ ପ୍ରୋଗ୍ରାମ ଅଧିକାରୀ ଦିଲୀପ ଜେନାଙ୍କ ସହିତ ପ୍ରଶିକ୍ଷକ ମାଷ୍ଟର ଆସମା ବେଗମ ଓ ଶୁଭସ୍ମିତା ମହାରଣା ଯୋଗଦେଇଥିଲେ। ଛାତ୍ରୀମାନେ କିପରି ନିଜ ସୁରକ୍ଷା ସହିତ ଅନ୍ୟଙ୍କୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷକ କହିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପିତାରାଣୀ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଜଗନ୍ନାଥ ପ୍ରଧାନ, ସୁବାସ ଜେନା, ଜୟନ୍ତ ସାହୁ, ବିଷ୍ଣୁ ବଳିୟାରସିଂ, ସନ୍ତୋଷ ପ୍ରଧାନ ଉପସ୍ଥିତ ରହିଥିଲେ। ସୁଶାନ୍ତ ସାମନ୍ତରାୟ, ଅଧ୍ୟାପିକା ଇତିଶ୍ରୀ ପଟ୍ଟନାୟକ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଡ. ରଜନୀ ରଣସିଂହ ଧନ୍ୟବାଦ ଦେଇଥିଲେ।

## ଫାଇନାଲରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର

### ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବୋଲଗଡ,୧୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅବେରେଣି ଖେଳପଡ଼ିଆରେ ଚାଲିଥିବା ଏକାଦଶ ରାଜ୍ୟସ୍ତରୀୟ ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଓ ଅତ୍ରିର ପତିତପାବନ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ପତିତପାବନ ଅତ୍ରି ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କଳିଙ୍ଗ ଟାଇଗର ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ଜବାବରେ ପତିତପାବନ ଅତ୍ରି ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୮ ରନ କରି ପରାଜିତ ହୋଇଥିଲା। କଳିଙ୍ଗ ଟାଇଗର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଖେଳାଳି ଶେଖର ସ୍ୱାଇଁ ୩୭ ବଲରେ ୧୨୮ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ବିଭୁପ୍ରସାଦ ଓଝା ଓ ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ଅମ୍ପାୟର ଭାବେ କବିନ୍ଦ୍ର ନାୟକ ଓ ଜ୍ୟୋତିରଞ୍ଜନ ମହାପାତ୍ର ପରିଚାଳନା କରିଥିଲା ବେଳେ ରାମଚଣ୍ଡୀ କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ଶୁକ୍ରବାର ଚାମ୍ପିୟନ ଟ୍ରଫି ପାଇଁ ଢେଙ୍କାନାଳ କ୍ଲବ ଓ କଳିଙ୍ଗ ଟାଇଗର ଦଳ ପରସ୍ପରକୁ ଭେଟିବେ।


ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଉପସ୍ଥିତ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ମାର୍ଜିତ ଜୀବନଯାପନରେ ପ୍ରେରଣା ସାହିତ୍ୟ

**ଜଟଣୀ,୧୧।୧ (ଡି.ଏନ୍.ଏ.)**

ଜଟଣୀ ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଆ ସାହିତ୍ୟକୁ ନେଇ ବୁଧବାର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଓ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବିଦ୍ୟାଳୟ ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂଳାପ ଲେଖକ ତଥା ଶିଶୁ ସାହିତ୍ୟିକ ଡ. ରଜନୀ ରଞ୍ଜନ ଦାସ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବଂଶୀଧର କର ଉଦ୍‌ଘାଟନ କରିବା ସହିତ ସାହିତ୍ୟ କ୍ଷେତ୍ରରେ ଶିଶୁ ସାହିତ୍ୟ କିପରି ଗୁରୁତ୍ୱ ବହନ କରିଥାଏ, ସେ ବିଷୟରେ ଆଲୋକପାତ କରିଥିଲେ ଏବଂ ମୁଖ୍ୟ ଅତିଥି ଶିଶୁ ସାହିତ୍ୟର ସାହିତ୍ୟ ଗଠନର ଅବଦାନ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କମଳ କୁମାର ପାଣି ଯୋଗଦେଇ ସାହିତ୍ୟ କିଭଳି ଏକ ମାର୍ଜିତ ଜୀବନଯାପନ ପାଇଁ ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିଥାଏ ତା' ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଡ. ଆଲୋକ କୁମାର ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଡ. ପ୍ରୀତିସୀମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ ଏବଂ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

### ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଇଟାମାଟିର ଯଦୁମଣି କ୍ଲବ ସେମିରେ


ଛଣଗିରି ପଞ୍ଚାୟତରେ ଚାଲିଥିବା ଭଗବତୀ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳିମାନେ।

**ନିରାକାରପୁର,୧୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତସ୍ଥିତ ଖେଳପଡ଼ିଆରେ ମା' ଭଗବତୀ ଫୁଟବଲ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ୧୦ତମ ଭଗବତୀ ଟୁର୍ଣ୍ଣାମେଣ୍ଟରେ ବୁଧବାର ତୃତୀୟ ଦିବସରେ ଯଦୁମଣି ସ୍ପୋର୍ଟସ୍ କ୍ଲବ୍ ଇଟାମାଟି ଓ ନୀଳମାଧବ ସ୍ପୋର୍ଟସ୍ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ କେହି କାହାରିକୁ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ ଗୋଲ କରିପାରି ନ ଥିବାବେଳେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଇଟାମାଟି ୫/୩ ଗୋଲରେ ଭୁବନେଶ୍ୱରକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଏହି ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ପ୍ରମୋଦ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥି ଭାବରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ମାନସ ଦାସ, କେଲୁଚରଣ ସେଠୀ, ପ୍ରଭାତ ପ୍ରହରାଜ ଓ ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଫ୍ରେଣ୍ଡସ୍ ପାରାଡାଇଜ୍ ଜଟଣୀ ବନାମ ବଜରଙ୍ଗୀ ସ୍ପୋର୍ଟସ୍ କ୍ଲବ୍ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# 'ମାନବ ସମାଜ ଉପରେ ପରିବେଶ କ୍ଷତିର ପ୍ରଭାବ ପଡୁଛି'

**ଖୋର୍ଦ୍ଧା ଅଫିସ,୧୧।୧**

ଦ୍ରୁତ ଶିଳ୍ପାୟନ, ସହରୀକରଣ, ରାସ୍ତା ସମ୍ପ୍ରସାରଣ, କୋଠାବାଡ଼ି ନିର୍ମାଣ ଲାଗି ରାସ୍ତାକଡ଼ରୁ ବହୁ ସଂଖ୍ୟକ ଗଛ କଟାଯାଉଛି। ଫଳରେ ଧିରେ ଧିରେ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଜଙ୍ଗଲ ଏକ ଅମୂଲ୍ୟ ସମ୍ପଦ। ଜଙ୍ଗଲ ବଞ୍ଚିଲେ ପରିବେଶ, ଜୀବ ଓ ମାନବ ଜଗତ ବଞ୍ଚିବ। ତଥାପି ବେଧଡକ ଭାବେ ଗଛକଟା ଚାଲିଛି। ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଏଥିଯୋଗୁ ଜୈବ ବିବିଧିତା ନଷ୍ଟ ହେବା ସହ ମୃତ୍ତିକା କ୍ଷୟ ହେବାରେ ଲାଗିଛି। ସେହିପରି ସବୁଠାରୁ ବଡ ସମସ୍ୟା ଜଳବାୟୁ ପରିବର୍ତ୍ତନ ମୁଣ୍ଡ ଟେକିଛି। ସାରା ବିଶ୍ୱ ଏବେ ଏହି ସମସ୍ୟା ଦେଇ ଗତି କରୁଛି। ପରିବେଶ କ୍ଷତି ଯୋଗୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି ବୋଲି ପୁରୁସାହିଠାରେ ବିବେକାନନ୍ଦ ୟୁଥ କ୍ଲବ ଏବଂ ଆର୍‌ଏସ୍ଏସ୍ ପର୍ଯ୍ୟାବରଣ ଗତିବିଧି ବିଭାଗ ପକ୍ଷରୁ ଆୟୋଜିତ 'ଜଳବାୟୁ ପରିବର୍ତ୍ତନ ଆଜିର ଆହ୍ୱାନ' ଶୀର୍ଷକ ଆଲୋଚନା ଚକ୍ରରେ ଉପରୋକ୍ତ ମତ ପ୍ରକାଶ ପାଇଛି। ପର୍ଯ୍ୟାବରଣ ଗତିବିଧି ପ୍ରମୁଖ ନିରଞ୍ଜନ ସାହୁ କହିଥିଲେ, ଜଳବାୟୁ ପରିବର୍ତ୍ତନ ଆମର ସ୍ୱାସ୍ଥ୍ୟ ଉପରେ ବିଶେଷ ପ୍ରଭାବ ପକାଉଛି। କୋଭିଡ଼-୧୯ ସମୟରେ ସ୍ୱାସ୍ଥ୍ୟର ଅବନତି, ଅକ୍ସିଜେନ ଅଭାବ ଏସବୁକୁ ସୂଚାଉଛି। ବୈଜ୍ଞାନିକଙ୍କ ମତରେ ମାଟି, ଜୈବ ବିବିଧତା, ଜଳ ପ୍ରଭୃତି ଅବକ୍ଷୟ ଘଟିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଏଥିରେ ଥିବା ବାଧା ଦୂର ହୋଇପାରିଲେ, ପରିବେଶ ସୁରକ୍ଷିତ ରହିପାରିବ। ୟୁଥ କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରି କହିଲେ ଯେ, ପରିବେଶ ଅସନ୍ତୁଳ ଯୋଗୁ ଜଳ, ବାୟୁ ଦୂଷିତ ହୋଇ ସଂକ୍ରାମକ ରୋଗ ଲାଗି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଛି। ଜଙ୍ଗଲ ଧ୍ୱଂସ ହେବାରୁ ବହୁ ବନ୍ୟଜନ୍ତୁ ଖାଦ୍ୟ ନ ପାଇ ବିଲୁପ୍ତ ଅବସ୍ଥାରେ ରହିଛନ୍ତି। ଏହାଦ୍ୱାରା ସମାଜରେ ଅସନ୍ତୁଳନ ସୃଷ୍ଟି ହେବ, ଏହା ସମାଜ ପାଇଁ କ୍ଷତିକାରକ। ଜଙ୍ଗଲ କ୍ଷୟ, ପରିବେଶ ନଷ୍ଟ ଯୋଗୁ ଏହା କେବଳ ଶାରୀରିକ କ୍ଷତି କରେନି ବରଂ ମାନସିକ ସ୍ତରରେ ପ୍ରଭାବ ପକାଇଥାଏ। ପରିବେଶବିତମାନଙ୍କ ମତରେ ଘର ବାରିରେ ତୁଳସୀ ଚାରା, ନିମ୍ବ ପ୍ରଭୃତି ଔଷଧୀୟ ଚାରାରୋପଣ ତଥା ବ୍ୟାପକ ବୃକ୍ଷରୋପଣ ଦ୍ୱାରା ଜଳବାୟୁ ପରିବର୍ତ୍ତନ ଯୋଗୁ ଉପୁଜୁଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ। ଆର୍‌ଏସ୍ଏସ୍‌ର ବିଭାଗ କାର୍ଯ୍ୟବାହ ବେଲେଶ୍ୱର ସାହୁ କହିଲେ, ପରିବେଶ ସୁରକ୍ଷା ଲାଗି ବ୍ୟାପକ ଚାରାରୋପଣ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପରିବେଶପ୍ରେମୀ ପ୍ରଶାନ୍ତ ବେହେରା, ଆଦିତ୍ୟ ମହାରଣା, ଓମପ୍ରକାଶ ମହାନ୍ତି, ମହେନ୍ଦ୍ର ସିଂ, ବୁବୁନା ଭଞ୍ଜଦେଓ, ପାର୍ଥ ସାମନ୍ତରାୟ, ଗୋପାଳ ଦାସ, ସତ୍ୟ ବିଶୋଇ, ସରୋଜ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ଅଠରାଙ୍ଗରେ ଭାଗବତ ସଭା**

ବେଗୁନିଆ,(ଡି.ଏନ୍.ଏ) ବେଗୁନିଆ ବ୍ଲକ ଅଠରାଙ୍ଗର ରାଧାମୋହନ ଦେବଙ୍କ ପୀଠରେ ଭାଗବତ ସଭା ଅନୁଷ୍ଠିତ ହୋଇଛି। ସତଶିକ୍ଷା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସଭାରେ ଚକ୍ରଧର ତ୍ରିପାଠୀ, ଭଜକୃଷ୍ଣ ମହାନ୍ତି ଓ ପ୍ରଫୁଲ୍ଲ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଗବତର ଗୁରୁତ୍ୱ ବିଷୟରେ କହିଥିଲେ। ପରେ ଭାଗବତ ଛାନ୍ଦର 'ଅନ୍ତରିକ୍ଷ ଉପାଖ୍ୟାନ' ବିଷୟରେ ଆଲୋଚନା କରିଥିଲେ। ଗୌରହରି ପଣ୍ଡା, ଧନେଶ୍ୱର ପଣ୍ଡା ଭାଗବତ ପଠନ କରିଥିଲେ। ପଣ୍ଡିତ ଅଖିଳେଶ ପଣ୍ଡା, କୈଳାସ ନାଥ ପଣ୍ଡା, ତପନ ପଣ୍ଡା ବୁଝାଇଥିଲେ। ପ୍ରବଚକ ଦାଶରଥି ସାମନ୍ତରାୟ ଯୋଗଦେଇ ଶ୍ରୀକୃଷ୍ଣଙ୍କ ସାର କଥା କହିଥିଲେ। ବନବିହାରୀ ମହାପାତ୍ରଙ୍କ ସଂଯୋଜନାରେ ସଭ୍ୟ ହରେକୃଷ୍ଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନାରାୟଣ ଦାଶ, ନିରଞ୍ଜନ ପଣ୍ଡା, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ୫୬ ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ଅବକାରୀ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୫୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେ ହେଲେ ଜଟଣୀ ଥାନା ଖୁଦୁପୁର ଗ୍ରାମର ଲୋକନାଥ ପ୍ରଧାନ(୨୭)। ଜବତ ବ୍ରାଉନସୁଗାରର ମୂଲ୍ୟ ୫ଲକ୍ଷ ୬୦ ହଜାର ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଲୋକନାଥଙ୍କୁ ଜେଲ ହାଜତକୁ ପଠାଯାଇଛି। ଏ ନେଇ ଅବକାରୀ ଥାନାରେ ର ଏକ ମାମଲା (ନ.୧୨୬/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଲୋକନାଥ କିଛିଦିନ ହେଲା ବ୍ରାଉନସୁଗାର କାରବାର କରୁଥିଲେ। ବୁଧବାର ବରୁଣେଇ ରାସ୍ତାରେ ବ୍ରାଉନସୁଗାର ବିକ୍ରି ଲାଗି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଜିଲା ମୋବାଇଲ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଚଢାଉରେ ଏସ୍ଆଇ ବି. ମନୋଜ କୁମାର, ରଞ୍ଜନ ଦାସ ଓ ରାଜେନ୍ଦ୍ର ଏକ୍କାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### ୧୫ କିଲୋ ଗଞ୍ଜେଇ ଜବତ, ୩ ଗିରଫ

**ଗମ୍ଭାରିମୁଣ୍ଡା,୧୧।୧(ଡି.ଏନ୍.ଏ.):** ଖୋର୍ଦ୍ଧା ରୋଡ୍ ରେଲ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଆର୍‌ପିଏଫ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ବୁଧବାର ଖୋର୍ଦ୍ଧା ଜିଆର୍‌ପିକୁ ହସ୍ତାନ୍ତର କରିଛି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଜଗନ୍ନାଥ ସ୍ୱାଇଁ, ଶିବାନନ୍ଦ ପଣ୍ଡା ଓ ଖଲ୍ଲିକୋଟ ଥାନା ଅଞ୍ଚଳର ବଳରାମ ବାରିକ। ଏ ନେଇ ଖୋର୍ଦ୍ଧା ରୋଡ ଜିଆର୍‌ପି କେସ୍ ନମ୍ବର ୧/୨୩ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ବାଲୁଗାଁ ଆର୍‌ପିଏଫ୍ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ବାଲୁଗାଁ ରେଲୱେ ଷ୍ଟେଶନ ପରିସରରେ ଚଢ଼ାଉ ଚାଲିଥିଲା। ଏହି ସମୟରେ ୧ ନମ୍ବର ପ୍ଲାଟଫର୍ମର ଶେଷ ଭାଗରେ ୩ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବସିଥିବାର ଦେଖିବାକୁ ପାଇଥିଲେ। ଯୁବକମାନଙ୍କ ବ୍ୟାଗ ତଲାସି ନିଆଯିବାରୁ ସେଥିରୁ ୧୫ କେଜି ୧୪୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ୫୧ ହଜାର ୪୦୦ ଟଙ୍କା ହେବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଆର୍‌ପିଏଫ୍ ୩ ଜଣ ଯୁବକଙ୍କୁ ଗିରଫ କରିଥିଲା।

### ପଦଯାତ୍ରାରେ ଲୋକଙ୍କ ଅଭିଯୋଗ ଶୁଣିଲେ ଏମ୍‌ପି

**ଟାଙ୍ଗୀ ( ଖୋର୍ଦ୍ଧା),୧୧।୧(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପଦଯାତ୍ରା ସମୟରେ ସ୍ଥାନୀୟ ଜନସାଧାରଣଠାରୁ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରି ଏହାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଏହି ଅବସରରେ କୁହୁଡି ମଣ୍ଡଳର ଏକ ସାଂଗଠନିକ ବୈଠକରେ ଏମ୍‌ପି ଷଡ଼ଙ୍ଗୀ ଯୋଗଦେଇଥିଲେ। ପରେ ରାମଚନ୍ଦ୍ରପୁର ପଞ୍ଚାୟତର ନାରଖାରି ପ୍ରଧାନଙ୍କ ଘରେ କୌଣସି କାରଣରୁ କିଛିଦିନ ହେବ ବିଦ୍ୟୁତ୍ ସଂଯୋଗ ନ ଥିଲା। ଏ ନେଇ ଏମ୍‌ପି ଷଡ଼ଙ୍ଗୀଙ୍କ ନିକଟରେ ଅଭିଯୋଗ କରିବାରୁ ତୁରନ୍ତ ପଦକ୍ଷେପ ନେଇ ଅଧିକାରୀଙ୍କୁ କହି ବିଦ୍ୟୁତ୍ ସଂଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବେହେରା, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଦୀନବନ୍ଧୁ ସାହୁ, ମିତ୍ରଭାନୁ ସୁବୁଦ୍ଧି, ଭଗବାନ ସେଠ, ଟାଙ୍ଗୀ ମଣ୍ଡଳ ପ୍ରଭାରୀ ମଞ୍ଜୁଲତା ଇନ୍ଦ୍ରଜିତ, ଟୁକୁନା ସିଂ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ବେହେରା ଯୋଗଦେଇଥିଲେ। ଜୟଦେବ ବେହେରା, ପ୍ରଶାନ୍ତ ବେହେରା, ସତ୍ୟନାରାୟଣ ପରିଡ଼ା ସହଯୋଗ କରିଥିଲେ।

# ଉତ୍ସବର ସିଧା ପ୍ରସାରଣ ଦେଖି ଉତ୍ସାହିତ



ବାଲୁଗାଁ ଅଞ୍ଚଳରେ ହକି ବିଶ୍ୱ କପ୍‌କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଉଛି।



ଜଟଣୀ ଅଞ୍ଚଳରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପରିବେଷଣ।

## ପୁରୁଷ ହକି ବିଶ୍ୱକପ ଉଦ୍‌ଘାଟନ

**ବାଲୁଗାଁ,୧୧।୧ (ଡି.ଏନ୍.ଏ.)**

ଓଡ଼ିଶାରେ ଆୟୋଜିତ ପୁରୁଷ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ବାରବାଟୀ ଷ୍ଟାଡ଼ିୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବର ମଜା ରାଜ୍ୟବାସୀ ନେବା ପାଇଁ ସରକାର ପକ୍ଷରୁ ପ୍ରତି ଜିଲାରେ ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ସମେତ ବାଲୁଗାଁ ଏବଂ ବାଣପୁର ଏନ୍ଏସି ଓ ଚିଲିକା ବ୍ଲକ୍ କାର୍ଯ୍ୟାଳୟରେ ହକି ବିଶ୍ୱକପ୍‌କୁ ସ୍ୱାଗତ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଉତ୍ସବକୁ ନେଇ ସବୁଠି ଉତ୍ସାହ ଭରିଯାଇଥିଲା। ସକାଳେ ବାଲୁଗାଁ ଏନ୍ଏସି ନଗରପାଳିକା ସୁକାନ୍ତି ପାଇକରାୟ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ ଉତ୍ତରାୟଣୀ ମନ୍ଦିରରୁ ଏକ ମାରାଥନ ଦୌଡ଼ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଏନସିସି କ୍ୟାଡେଟ୍, କରାଟେ ସ୍କୁଲ, ବିଭିନ୍ନ ମହିଳା ମହାସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଅଞ୍ଚଳର ଲୋକ ଆସି ସ୍ୱାଗତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଏହାପରେ ଅପରାହ୍ନରେ ଏନ୍ଏସି କାର୍ଯ୍ୟାଳୟ ପରିସର ଏବଂ ଅଡିଟୋରିୟମ ହଲରେ ହକିବିଶ୍ୱ କପ୍ ଉଦ୍‌ଘାଟନ ଉତ୍ସବ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା।

**ଗମ୍ଭାରିମୁଣ୍ଡା:** ଚିଲିକା ବ୍ଲକ ଏବଂ ବାଣପୁର ଏନ୍ଏସିସ୍ଥିତ ପଲଟନ ପଡ଼ିଆରେ ବିଶ୍ୱକପକୁ ସ୍ୱାଗତ କରାଯାଇଛି। ସକାଳେ ଏକ ମିନି ମାରାଥନ ଏନ୍ଏସି ଅଧ୍ୟକ୍ଷ ମିଟୁ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଓ ବିଡିଓ ବୁଲବୁଲ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ମାରାଥନରେ ବାଣପୁରସ୍ଥିତ ବିଶରପାଟଣା ସେଲଫି ପଏଣ୍ଟରୁ ମା' ଭଗବତୀ ମନ୍ଦିର ଦେଇ ପଲଟନ ପଡ଼ିଆରେ ପହଞ୍ଚିଥିଲା। ଅପରାହ୍ନରେ ପଲଟନ ପଡ଼ିଆରେ ଏଲଇଡ଼ି ସ୍କ୍ରିନ୍‌ରେ ଉଦ୍‌ଘାଟନ ଉତ୍ସବ ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦେଇଥିଲେ। ଉତ୍ସବ ଦେଖିବାକୁ ବିପୁଳ ସଂଖ୍ୟାରେ ଜନ ସମାଗମ ହୋଇଥିଲା।

**କୃଷ୍ଣପ୍ରସାଦ/ନିରାକାରପୁର :** କୃଷ୍ଣପ୍ରସାଦ ପଞ୍ଚାୟତ ତରଫରୁ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ପୀଠ ପରିସରରେ ପରଦା ମାଧ୍ୟମରେ ଉତ୍ସବ ଦେଖିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ଇତିଶ୍ରୀ ସିଂହ ଉଦଘାଟନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ଜେନା, ପାଞ୍ଚମୌଜା ପରିଚାଳନା କମିଟି ସମ୍ପାଦକ ସୁରଥ ବେହେରା, ନେତା ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବଡ଼ଖାଡ଼ ପଞ୍ଚାୟତର କମଳେଶ୍ୱର ବିଦ୍ୟାପୀଠରେ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ସୁମିତ୍ରା ପାହାଣ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଉମାକାନ୍ତ ସେଠୀ, ପ୍ରଧାନ ଶିକ୍ଷକ କାଶୀନାଥ ଜେନାଙ୍କ ସମେତ ଏସ୍ଏଚ୍‌ଜି ମହିଳାମାନେ ଅଂଶଗ୍ରହଣ କରିଥିଲେ। ସେହିପରି ନିରାକାରପୁରସ୍ଥିତ ଡିଆ ପଞ୍ଚାୟତର ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ଆବାହକତ୍ୱରେ ଏଲ୍‌ଇଡି ଟିଭି ମାଧ୍ୟମରେ ଉତ୍ସବ ବହୁ ସଂଖ୍ୟାରେ ଲୋକ ଆସି ଦେଖିଥିଲେ।

# ଏସ୍ଏଚ୍‌ଜିରୁ ୬ ଲକ୍ଷ ନେଇଗଲେ ସଦସ୍ୟା

**ନିମାପଡ଼ା,୧୧।୧(ଡି.ଏନ୍.ଏ.)**

## ଭଡ଼ାଘରେ ତାଲା ପକାଇ ମହିଳା ଫେରାର

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)ରେ ଜଣେ ମହିଳା ଅନ୍ୟ ମହିଳାମାନଙ୍କୁ ଠକି ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ୩ ମାସ ହେବ ଫେରାର ହୋଇଯାଇଥିବା ନିମାପଡ଼ା ଥାନାରେ ବୁଧବାର ଅଭିଯୋଗ ହୋଇଛି। ମହିଳା ଜଣକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମରେ ଭଡ଼ାରେ ରହୁଥିବା ଗଞ୍ଜାମ ଜିଲା ଗୋସାଣି ନୂଆଗାଁ ଥାନା ଅନ୍ତର୍ଗତ ବୈଦ ସାହିର ଉଷା ଜେନା। ପୋଲିସ ଉଷାଙ୍କ ବିରୋଧରେ ଏକ ମାମଲା ୧୧/୨୩ ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଉଷା ଭୁବନପୁର ଗ୍ରାମର ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମିତିର ସଭ୍ୟା ଥିଲେ। ସେ ଗ୍ରୁପର ଅନ୍ୟ ମହିଳାଙ୍କ ସହ ସୁସମ୍ପର୍କ ରଖିଥିଲେ। କିଛି ଦିନ ପୂର୍ବରୁ ତାଙ୍କର କିଛି ଟଙ୍କା ଦରକାର ଥିବା ଗ୍ରୁପର ମହିଳାଙ୍କୁ କହିଥିଲେ। ଅନ୍ୟ ମହିଳାମାନେ ଏକ ଅର୍ଥ ଲଗାଣକାରୀ ସଂସ୍ଥାରୁ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା ଆଣି ଉଷାଙ୍କୁ ସାହାଯ୍ୟ କରିଥିଲେ। ହେଲେ ଉଷା ଚଞ୍ଚକତା କରି ଗୋଷ୍ଠୀରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇ ଭଡ଼ାଘରେ ତାଲା ପକାଇ ୩ ମାସ ହେବ ଫେରାର ହୋଇଯାଇଛନ୍ତି। ଉଷାଙ୍କୁ ଫୋନ କଲେ ସେ ଫୋନ ଉଠାଉ ନ ଥିବାବେଳେ ଅଧିକାଂଶ ସମୟରେ ତାଙ୍କ ଫୋନ ବନ୍ଦ ରହୁଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଉଷାଙ୍କ ପ୍ରକୃତ ଘର ଗଞ୍ଜାମ ବୋଲି ମହିଳାମାନେ ପତ୍ତା ଲଗାଇ ଜାଣିବାକୁ ପାଇଛନ୍ତି। ଅର୍ଥ ଲଗାଣକାରୀ ସଂସ୍ଥାକୁ ଟଙ୍କା ଶୁଝିବା ପାଇଁ ଏବେ ଅନ୍ୟ ମହିଳାମାନଙ୍କୁ ନାନା ହଟହଟା ହେବାକୁ ପଡୁଥିବା ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ତୁରନ୍ତ ଉଷାଙ୍କୁ ଠାବ କରାଯାଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଦାବି କରିଛନ୍ତି।



ଖୋର୍ଦ୍ଧା ଅଞ୍ଚଳରେ ଅଧିକାରୀମାନେ ହକି ଖେଳକୁ ସ୍ୱାଗତ ଜଣାଉଛନ୍ତି।

# ଚିଲିକା ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ଗଠନ



ବାଲୁଗାଁ ଉମାମହେଶ୍ୱର ମନ୍ଦିର ପରିସରରେ ବୁଧବାର ବିଭିନ୍ନ ବ୍ଲକ୍‌ର ନିର୍ମାଣ ଶ୍ରମିକ ସଂଘକୁ ନେଇ ଆୟୋଜିତ ସମନ୍ୱୟ ବୈଠକର ସଦସ୍ୟ।

**ଗମ୍ଭାରିମୁଣ୍ଡା,୧୧।୧(ଡି.ଏନ୍.ଏ.)**

ବାଲୁଗାଁ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଶ୍ରମିକମାନେ ନୂତନ ଶ୍ରମିକ କାର୍ଡ ହେଉ ଅବା କାର୍ଡ ନବୀକରଣ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନଗୁଡ଼ିକ ଏସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରୁଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ସଙ୍ଗଠନ ଭୁବନେଶ୍ୱରରେ ଥିବାରୁ ଅଞ୍ଚଳବାସୀ ପ୍ରତିଟି କ୍ଷେତ୍ରରେ ଆର୍ଥିକ ଶୋଷଣର ଶିକାର ହେବା ସହ କାର୍ଯ୍ୟ ସୁଚାରୁରୂପେ ହେଇପାରୁ ନାହିଁ। ଯାହାକି ଜନ୍ମ ସହାୟତା, ବିବାହ ପ୍ରୋତ୍ସାହନ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ମୃତ୍ୟୁକାଳୀନ ସହାୟତା, ଶିକ୍ଷା ସହାୟତା ଆଦି ଯୋଜନାରେ ଆର୍ଥିକ ସହାୟତା ରାଜ୍ୟ ସରକାର ଲାଗୁ କରିଥିଲେ ସୁଦ୍ଧା ଏସବୁ ବାଲୁଗାଁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗରିବ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ଉମାମହେଶ୍ୱର ମନ୍ଦିର ପରିସରରେ ଚିଲିକା ବ୍ଲକ, ବାଣପୁର ବ୍ଲକ, ଟାଙ୍ଗୀ ବ୍ଲକ, ବାଲୁଗାଁ ଏନ୍ଏସି, ବାଣପୁର ଏନ୍ଏସିର ନିର୍ମାଣ ଶ୍ରମିକମାନଙ୍କର ସହାୟତା ତଥା ସମସ୍ୟାର ସମାଧାନ ନିମିତ୍ତ ବିଭିନ୍ନ ଟ୍ରେଡ ସଙ୍ଗଠନଙ୍କ ମିଳିତ ଉଦ୍ୟମରେ ଚିଲିକା ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟି ଗଠନ କରାଯାଇଛି। ପ୍ରତିଟି କ୍ଷେତ୍ରରେ ଗଠିତ ସମନ୍ୱୟ କମିଟି ନିର୍ଦ୍ଦେଶକ୍ରମେ ସାମୂହିକ ଭାବେ ପ୍ରଚେଷ୍ଟା ଜାରି ରହିବ ବୋଲି ସଭାପତି ଶିଶିର କୁମାର ମିଶ୍ର କହିଛନ୍ତି। ଉକ୍ତ କମିଟିରେ ବିଭିନ୍ନ ଟ୍ରେଡ୍ ସଙ୍ଗଠନର ସୀମାଞ୍ଚଳ ବାରିକ, ପଞ୍ଚାନନ ମହାରଣା, ଶରତ ଚନ୍ଦ୍ର ବରାଳ, ରାଜକିଶୋର ପଣ୍ଡା ଓ ମଙ୍ଗରାଜ ମହାପାତ୍ର ପ୍ରମୁଖ ନେତୃତ୍ୱ ନେବା ପାଇଁ ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଜଟଣୀ,୧୧।୧ (ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ କନ୍ତିଆ ଗ୍ରାମସ୍ଥ ଶ୍ରୀସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅଧ୍ୟାପିକା କଲ୍ୟାଣୀ ପଟ୍ଟନାୟକ, ସ୍ନେହଲତା ସେନାପତି, ସୁଶାନ୍ତ ରାଉତ ଏବଂ ପ୍ରୋଗ୍ରାମ ଅଧିକାରୀ ଦିଲୀପ ଜେନାଙ୍କ ସହିତ ପ୍ରଶିକ୍ଷକ ମାଷ୍ଟର ଆସମା ବେଗମ ଓ ଶୁଭସ୍ମିତା ମହାରଣା ଯୋଗଦେଇଥିଲେ। ଛାତ୍ରୀମାନେ କିପରି ନିଜ ସୁରକ୍ଷା ସହିତ ଅନ୍ୟଙ୍କୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷକ କହିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପିତାରାଣୀ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଜଗନ୍ନାଥ ପ୍ରଧାନ, ସୁବାସ ଜେନା, ଜୟନ୍ତ ସାହୁ, ବିଷ୍ଣୁ ବଳିୟାରସିଂ, ସନ୍ତୋଷ ପ୍ରଧାନ ଉପସ୍ଥିତ ରହିଥିଲେ। ସୁଶାନ୍ତ ସାମନ୍ତରାୟ, ଅଧ୍ୟାପିକା ଇତିଶ୍ରୀ ପଟ୍ଟନାୟକ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଡ. ରଜନୀ ରଣସିଂହ ଧନ୍ୟବାଦ ଦେଇଥିଲେ।

# ଫାଇନାଲରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର

**ବୋଲଗଡ,୧୧।୧(ଡି.ଏନ୍.ଏ.)**

## ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅବେରେଣି ଖେଳପଡ଼ିଆରେ ଚାଲିଥିବା ଏକାଦଶ ରାଜ୍ୟସ୍ତରୀୟ ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଓ ଅତ୍ରିର ପତିତପାବନ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ପତିତପାବନ ଅତ୍ରି ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କଳିଙ୍ଗ ଟାଇଗର ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ଜବାବରେ ପତିତପାବନ ଅତ୍ରି ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୮ ରନ କରି ପରାଜିତ ହୋଇଥିଲା। କଳିଙ୍ଗ ଟାଇଗର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଖେଳାଳି ଶେଖର ସ୍ୱାଇଁ ୩୭ ବଲରେ ୧୨୮ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ବିଭୁପ୍ରସାଦ ଓଝା ଓ ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ଅମ୍ପାୟର ଭାବେ କବିନ୍ଦ୍ର ନାୟକ ଓ ଜ୍ୟୋତିରଞ୍ଜନ ମହାପାତ୍ର ପରିଚାଳନା କରିଥିଲା ବେଳେ ରାମଚଣ୍ଡୀ କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ଶୁକ୍ରବାର ଚାମ୍ପିୟନ ଟ୍ରଫି ପାଇଁ ଢେଙ୍କାନାଳ କ୍ଲବ ଓ କଳିଙ୍ଗ ଟାଇଗର ଦଳ ପରସ୍ପରକୁ ଭେଟିବେ।



ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଉପସ୍ଥିତ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ମାର୍ଜିତ ଜୀବନଯାପନରେ ପ୍ରେରଣା ସାହିତ୍ୟ

**ଜଟଣୀ,୧୧।୧ (ଡି.ଏନ୍.ଏ.)**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

ଜଟଣୀ ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଆ ସାହିତ୍ୟକୁ ନେଇ ବୁଧବାର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଓ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବିଦ୍ୟାଳୟ ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂଳାପ ଲେଖକ ତଥା ଶିଶୁ ସାହିତ୍ୟିକ ଡ. ରଜନୀ ରଞ୍ଜନ ଦାସ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବଂଶୀଧର କର ଉଦ୍‌ଘାଟନ କରିବା ସହିତ ସାହିତ୍ୟ କ୍ଷେତ୍ରରେ ଶିଶୁ ସାହିତ୍ୟ କିପରି ଗୁରୁତ୍ୱ ବହନ କରିଥାଏ, ସେ ବିଷୟରେ ଆଲୋକପାତ କରିଥିଲେ ଏବଂ ମୁଖ୍ୟ ଅତିଥି ଶିଶୁ ସାହିତ୍ୟର ସାହିତ୍ୟ ଗଠନର ଅବଦାନ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କମଳ କୁମାର ପାଣି ଯୋଗଦେଇ ସାହିତ୍ୟ କିଭଳି ଏକ ମାର୍ଜିତ ଜୀବନଯାପନ ପାଇଁ ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିଥାଏ ତା' ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଡ. ଆଲୋକ କୁମାର ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଡ. ପ୍ରୀତିସୀମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ ଏବଂ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

## ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଇଟାମାଟିର ଯଦୁମଣି କ୍ଲବ ସେମିରେ



ଛଣଗିରି ପଞ୍ଚାୟତରେ ଚାଲିଥିବା ଭଗବତୀ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳିମାନେ।

**ନିରାକାରପୁର,୧୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତସ୍ଥିତ ଖେଳପଡ଼ିଆରେ ମା' ଭଗବତୀ ଫୁଟବଲ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ୧୦ତମ ଭଗବତୀ ଟୁର୍ଣ୍ଣାମେଣ୍ଟରେ ବୁଧବାର ତୃତୀୟ ଦିବସରେ ଯଦୁମଣି ସ୍ପୋର୍ଟସ୍ କ୍ଲବ୍ ଇଟାମାଟି ଓ ନୀଳମାଧବ ସ୍ପୋର୍ଟସ୍ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ କେହି କାହାରିକୁ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ ଗୋଲ କରିପାରି ନ ଥିବାବେଳେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଇଟାମାଟି ୫/୩ ଗୋଲରେ ଭୁବନେଶ୍ୱରକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଏହି ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ପ୍ରମୋଦ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥି ଭାବରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ମାନସ ଦାସ, କେଲୁଚରଣ ସେଠୀ, ପ୍ରଭାତ ପ୍ରହରାଜ ଓ ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଫ୍ରେଣ୍ଡସ୍ ପାରାଡାଇଜ୍ ଜଟଣୀ ବନାମ ବଜରଙ୍ଗୀ ସ୍ପୋର୍ଟସ୍ କ୍ଲବ୍ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ରିଭର୍ସ ସ୍ୱିଡ୍ ପେଣ୍ଟିଂ ମାଧ୍ୟମରେ ଶୁଭେଚ୍ଛା ଜଣାଇଲେ ଆୟୁଷ

**ପୁରୀ ଅଫିସ, ୧୧।୧**

ବୁଧବାରଠାରୁ ହକି ବିଶ୍ୱକପ୍ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସାରା ଦେଶରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ପୁରୀର ଚିତ୍ରଶିଳ୍ପୀ ଆୟୁଷ ମହାପାତ୍ର ଓଲଟା ବା ରିଭର୍ସ ସ୍ୱିଡ୍ ପେଣ୍ଟିଂ କରି ବିଶ୍ୱକପ୍‌ର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ରିଭର୍ସ ସ୍ୱିଡ୍ ପେଣ୍ଟର ଭାବେ ଜଣାଶୁଣା ଆୟୁଷ ତାଙ୍କ ଚିତ୍ରକଳା ମାଧ୍ୟମରେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏହି ୫ଫୁଟ୍‌ର ରିଭର୍ସ ସ୍ୱିଡ୍ ପେଣ୍ଟିଂକୁ କାନ୍‌ଭାସରେ ୮ମିନିଟ୍‌ରେ ଶେଷ କରିଛନ୍ତି। ସେ ତାଙ୍କ ଦୁଇହାତରେ ସ୍ୱିଡ ପେଣ୍ଟିଂ ଆଙ୍କିଛନ୍ତି। ନିଜ ଚିତ୍ରକଳାରେ ହକି ବିଶ୍ୱକପ ଟ୍ରଫି ସହ ମାସ୍କଟ ଓଲିକୁ ସ୍ଥାନିତ କରିଛନ୍ତି। ସୂଚନାଯୋଗ୍ୟ, ଆୟୁଷ ରିଭର୍ସ ସ୍ୱିଡ ପେଣ୍ଟିଂ କରି ୨୦୨୧ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବାବେଳେ ନାଇଜେରିଆ ଗଟ୍ ଟ୍ୟାଲେଣ୍ଟ୍‌ସରେ ଫାଇନାଲିଷ୍ଟ ହୋଇଥିଲେ। ଏଥିସହ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସମ୍ମାନିତ ହୋଇଛନ୍ତି।



